

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୬ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 26 MARCH 2022

Vol.No. 33 ■ No. 80 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-

ଯୁଦ୍ଧ ସାରିବାକୁ ରୁଷ ସେନାକୁ ତାରିଖ ଦେଲେ ପୁଟିନ !

ନୂଆଦିଲ୍ଲୀ, ୨୫/୦୩ (ନି.ପ୍ର): ରୁଷ ଏବଂ ୟୁକ୍ରେନ ମଧ୍ୟରେ ଜାରି ରହିଥିବା ଯୁଦ୍ଧର କେବେ ଅବସାନ ଘଟିବ ତାହା ଅନିଶ୍ଚିତତା ଥିବା ବେଳେ ୟୁକ୍ରେନ୍ ସେନାର ଏକ ଚାଞ୍ଚଲ୍ୟକର ତଥ୍ୟ ଦେଇଛି। ଯୁଦ୍ଧ କେବେ ବନ୍ଦ ହେବ ସେନେଇ ଏକ ସମ୍ଭାବ୍ୟ ତାରିଖ ଆକଳନ କରିଛି ୟୁକ୍ରେନ୍ ସେନା। ଆସନ୍ତା ମେ ୯ ତାରିଖରେ ରୁଷ ଯୁଦ୍ଧ ଶେଷ କରିବାକୁ ଚାହୁଁଥିବା ୟୁକ୍ରେନ୍ ସେନା କହିଛି। ରୁଷ ସେନାକୁ ମେ' ୯ ସୁଦ୍ଧା ଯୁଦ୍ଧ ଶେଷ କରିବାକୁ ମସ୍କୋ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ୟୁକ୍ରେନ୍ ସେନାର ଜେନେରାଲ ଷ୍ଟାଫ ପକ୍ଷରୁ ସୂଚନା ମିଳିଛି। ୟୁକ୍ରେନ ଗଣମାଧ୍ୟମ କିଭ୍ ଇଣ୍ଡିପେଡେଣ୍ଟ ଏକ ବିଶେଷ ସୂତ୍ରରୁ ଏହି ତଥ୍ୟ ହାସଲ କରିଛି। ଅନ୍ୟପଟେ ୟୁକେନ୍‌ର ଶତାଧିକ ନାଗରିକଙ୍କୁ ରୁଷ ବଳ ପୂର୍ବକ ନିଜ ଦେଶକୁ ନେଇ ଯାଉଥିବା ୟୁକ୍ରେନ୍ ଅଭିଯୋଗ କରିଛି। କିଭ୍ ଯୁଦ୍ଧରୁ ନିବୃତ୍ତ ରହିବା ପାଇଁ ରୁଷ ପକ୍ଷରୁ ଏଭଳି ଏକ ରଣନୀତି ଆପଣାଯାଇଛି। ଫଳରେ ୟୁକ୍ରେନ୍ ନାଗରିକଙ୍କୁ ଅପହରଣ କରି ନିଆଯାଉଥିବା ଅଭିଯୋଗ ହୋଇଛି। ପ୍ରାୟ ୮୪,୦୦୦ ଶିଶୁଙ୍କ ସମେତ ୪୦୨,୦୦୦ ଲୋକଙ୍କ ନିଜ ଇଚ୍ଛା ବିରୋଧରେ ଅପହରଣ କରି ନିଆଯାଇଥିବା ଅଭିଯୋଗ ହୋଇଛି। ସେପଟେ ଯୁଦ୍ଧକୁ ନେଇ ବ୍ରସେଲ୍ସରେ ଗତ ରାତିରେ ବସିଥିଲା ନାଟୋର ଜରୁରୀ ସମ୍ମିଳନୀ । ରୁଷ ୟୁକ୍ରେନ୍ରେ ରାସାୟନିକ ଅସ୍ତ୍ର ଦ୍ୱାରା ଆକ୍ରମଣ କଲେ ୟୁକ୍ରେନକୁ ନାଟୋ ସମସ୍ତ ପ୍ରକାର ସୁରକ୍ଷା ଯୋଗାଇଦେବ ବୋଲି ନିଷ୍ପତ୍ତି ହୋଇଛି । ନାଟୋ ମହାସଚିବ ଜେନ୍ସ ଷ୍ଟୋଲେନବର୍ଗ ଏହି ସୂଚନା ଦେଇଛନ୍ତି । ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ସମେତ ଅନ୍ୟ ବିଶ୍ୱ ନେତାମାନେ ନାଟୋ ମୁଖ୍ୟାଳୟରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇଥିଲେ। ବାଇଡେନ୍ କହିଛନ୍ତି, ରୁଷ ବିରୋଧରେ ଆମେ ଏକଜୁଟ୍ ଅଛୁ । ରୁଷ ୟୁକ୍ରେନର ରାସାୟନିକ, ଜୈବିକ ଏପରିକି ପରମାଣୁ ଅସ୍ତ୍ର ବ୍ୟବହାର କରିବା ସମ୍ପର୍କରେ ମୁଖ୍ୟତଃ ଆଲୋଚନା ହୋଇଥିଲା।

ଆଜି ସକାଳ ୮ଟାରୁ ଭୋଟ୍ ଗଣତି

ଭୁବନେଶ୍ୱର, ୨୫/୦୩ (ନି.ପ୍ର): ଗତକାଲି ପୌରାଂଚଳ ଭୋଟ୍ ଶେଷ ହୋଇଥିବା ବେଳେ ଆସନ୍ତାକାଲି ଭୋଟ୍ ଗଣତି ହେବ। ଶନିବାର ସକାଳ ୮ଟାରୁ ଭୋଟ୍ ଗଣତି ଆରମ୍ଭ ହେବ। ଏସମ୍ପର୍କରେ ସୂଚନା ଦେଇ ରାଜ୍ୟ ନିର୍ବାଚନ କମିଶନରଙ୍କ ସଚିବ ଆର.ଏନ୍ ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଗୋଟିଏ ୱାର୍ଡର ସବୁ ବୁଥ୍ ସରିଲେ ରେଜଲ୍ଟ ଘୋଷଣା କରାଯିବ। ପ୍ରଥମେ ନିର୍ବାଚନରେ ନିୟୋଜିତ କର୍ମଚାରୀ ଦେଇଥିବା ପୋଷ୍ଟାଲ ବାଲାଟ ଗଣତି ହେବ। ଏହାପରେ ଇଭିଏମ୍ ଭୋଟ୍ ଗଣତି କରାଯିବ। ଧାମନଗର ଏନ୍ଏସିରେ ଭୋଟ୍ ଗଣତି ବନ୍ଦ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି। କାଉନସିଲର ଭୋଟ୍ ଗଣତି ପାଇଁ ପ୍ରତି ଏନଏସିରେ ୨ଟି ଟେବୁଲ ବ୍ୟବସ୍ଥା କରାଯାଇଛି। ପୌରାଧକ୍ଷ ଭୋଟ୍ ଗଣତି ପାଇଁ ପ୍ରତି ଏନଏସିରେ ୨ଟି ଟେବୁଲ ରହିବ। କାଉନସିଲର ଭୋଟ୍ ଗଣତି ପାଇଁ ମୁନସିପାଲିଟିରେ ସର୍ବାଧିକ ୫ଟି ଟେବୁଲ, ଚେୟାରମ୍ୟାନ୍ ଭୋଟ୍ ଗଣତି ପାଇଁ ମୁନସିପାଲିଟିରେ ସର୍ବାଧିକ ୫ଟି ଟେବୁଲ, କର୍ପୋରେଟର ଭୋଟ୍ ଗଣତି ପାଇଁ ମୁନସିପାଲ କର୍ପୋରେସନରେ ୧୨ଟି ଟେବୁଲ, ମେୟର ଭୋଟ୍ ଗଣତି ପାଇଁ ମୁନସିପାଲ କର୍ପୋରେସନରେ ୧୨ଟି ଟେବୁଲ ବ୍ୟବସ୍ଥା ▶▶ପୃଷ୍ଠା ୭

ଗାଙ୍ଗପୁର ଥାନା ଅଧିକାରୀଙ୍କ ମୃତ୍ୟୁ ଘଟଣା : ଗଞ୍ଜାମ ଏସପି କହିଲେ ଦୁଶ୍ଚିନ୍ତାରେ ଥିଲେ ଆଇଆଇସି

ଭୁବନେଶ୍ୱର, ୨୫/୦୩ (ନି.ପ୍ର): ଗୁଳି ଫୁଟିବାରୁ ଗାଙ୍ଗପୁର ଥାନା ଅଧିକାରୀଙ୍କ ମୃତ୍ୟୁ ଘଟଣା । ଥାନା ଅଧିକାରୀଙ୍କ ମୃତ୍ୟୁ ନେଇ ସୂଚନା ଦେଲେ ଗଞ୍ଜାମ ଏସପି । ମୃତ୍ୟୁବରଣ କରିଥିବା ଥାନା ଅଧିକାରୀ ଜଣକ କିଛି ଦିନ ହେଲା ମାନସିକ ଦୁଶ୍ଚିନ୍ତା ଦେଇ ଗତି କରୁଥିଲେ । ଯାହା ଫଳରେ ଥାନା ପରିସରରେ ଏମିତି ଘଟଣା ଘଟିଥିଲା । ତେବେ ପୋଷ୍ଟମର୍ଟମ ପରେ ହିଁ ସବୁକିଛି ଜଣାପଡିବ । ଗୁଳି ଫୁଟିବା ପରେ ଗାଙ୍ଗପୁର ଥାନା ଅଧିକାରୀଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା । ମାତ୍ର ହସ୍ପିଟାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ବୋଲି ଗଞ୍ଜାମ ଏସପି ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗୁଳିଫୁଟିବାରୁ ଭଞ୍ଜନଗର ଗାଙ୍ଗପୁର ଥାନା ଅଧିକାରୀଙ୍କ ମୃତ୍ୟୁ ହୋଇଛି । ନିଜ ରିଭଲଭର ସଫା କରୁଥିବା ସମୟରେ ଗୁଳି ଫୁଟିଥିଲା ଓ ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଆସ୍କା ହସ୍ପିଟାଲରେ ଆଇଆଇସି ଦେବକୁମାର ଗମାଙ୍ଗଙ୍କ ମୃତ୍ୟୁ ନେଇ ଡାକ୍ତର ଘୋଷଣା କରିଥିଲେ ।

ରାଜ୍ୟପାଳଙ୍କ ଅଭିଭାଷଣରୁ ବଜେଟ ଅଧିବେଶନର ଆରମ୍ଭ

ଭୁବନେଶ୍ୱର, ୨୫/୦୩ (ନି.ପ୍ର): ରାଜ୍ୟ ସରକାର ଅଗ୍ରାଧିକାର ଭିତିରେ ଅତ୍ୟାବଶ୍ୟକୀୟ ସୁବିଧା ଯୋଗାଇ ଦେବା ସହ ଜୀବନ ଜୀବିକା ସୁଯୋଗ ସୃଷ୍ଟି କରିବା, ଯୋଗାଯୋଗ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, କୃଷି ପାଇଁ ଜଳସେଚନ, ଶିକ୍ଷା କ୍ଷେତ୍ରକୁ ଉନ୍ନତିର ପରବର୍ତ୍ତୀ ପର୍ଯ୍ୟାୟକୁ ନେଉଛନ୍ତି । ପ୍ରତ୍ୟେକ ଅଂଚଳର ବିକାଶ ତଥା ପ୍ରତ୍ୟେକ ବର୍ଗର ଜନସାଧାରଣଙ୍କର ସଶକ୍ତିକରଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ବିଧାନସଭାର ବଜେଟ ଅଧିବେଶନ ଆରମ୍ଭରେ ରାଜ୍ୟପାଳ ତାଙ୍କର ଅଭିଭାଷଣରେ ଏହା କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ଆସନ୍ତା କିଛି ବର୍ଷ ମଧ୍ୟରେ ରାଜ୍ୟର ୩୦ଟି ଜିଲ୍ଲାକୁ ରେଳପଥ ସଂଯୋଗୀକରଣ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥି ପାଇଁ ରାଜ୍ୟ ସରକାର ରେଳବାଇକୁ ସହଯୋଗ ଦେଉଛନ୍ତି ତଥା ରେଳବାଇ ଓ ଅନ୍ୟ ମନ୍ତ୍ରଣାଳୟ ସହ ମିଶି ମିଳିତ ଉଦ୍ୟୋଗ ବା ଏସପିଭି ନିର୍ମାଣ ପାଇଁ ଏକାଧିକ ପଦକ୍ଷେପ ଗ୍ରହଣ କରା ଯାଉଛି । ସେ କହିଛନ୍ତି ଯେ ସମୁଦ୍ରରେ ପରିବହନ ପାଇଁ ମଧ୍ୟ ରାଜ୍ୟ ସରକାର କାମ କରୁଛନ୍ତି । ରାଜ୍ୟରେ ଅଣ ପ୍ରମୁଖ ବନ୍ଦର ବିକାଶ ପାଇଁ ସରକାର ୧୪ଟି ସ୍ଥାନ ନିରୁପଣ କରିଛନ୍ତି ଓ ସେଥି ମଧ୍ୟରୁ ଦୁଇଟି ଅଣ ପ୍ରମୁଖ ବନ୍ଦର କାର୍ଯ୍ୟକ୍ଷମ ରହିଛି । ଓଡିଶାରେ ପର୍ଯ୍ୟଟନର ବିକାଶ ପାଇଁ ପୁରୀ ଠାରେ ଶ୍ରୀଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର ନିର୍ମାଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି । ରାଜ୍ୟପାଳ ତାଙ୍କର ଅଭିଭାଷଣରେ କହିଛନ୍ତି ବିଦ୍ୟୁତ କ୍ଷେତ୍ରରେ ▶▶ପୃଷ୍ଠା ୭

ଅନ୍ୟ ଖେଳଗୁଡ଼ିକୁ ଅବହେଳା ଅଭିଯୋଗ ନେଇ ଦୂତୀଙ୍କ ଟ୍ୱିଟ୍

ଭୁବନେଶ୍ୱର, ୨୫/୦୩ (ନି.ପ୍ର): ଆନ୍ତର୍ଜାତୀୟ ଆଥଲେଟ୍ ଦୂତୀ ଚାନ୍ଦ ଆଥଲେଟିକ ଓ ଅନ୍ୟ ଖେଳଗୁଡ଼ିକୁ ଅବହେଳା ହେଉଥିବା ନେଇ ଟ୍ୱିଟ କରି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ରାଜ୍ୟ ସରକାର ହକିକୁ ଅତ୍ୟଧିକ ଗୁରୁତ୍ୱ ଦେବାକୁ ଯାଇ ଆଥଲେଟିକ ଓ ଅନ୍ୟ ଖେଳଗୁଡ଼ିକୁ ଅବହେଳା କରୁଛନ୍ତି ବୋଲି ଦୂତୀ ଟ୍ୱିଟ୍ କରିଥିଲେ। ତେବେ ସେ ଅଳ୍ପ ସମୟ ମଧ୍ୟରେ ନିଜର ଟୁଇଟ୍ ଡିଲିଟ୍ କରିଦେଇଥିଲେ। ନିଜର ଟୁଇଟରେ ଦୂତୀ ଲେଖିଥିଲେ, ଓଡ଼ିଶା ସରକାର ରାଜ୍ୟରେ ଖେଳାଳିଙ୍କ ପାଇଁ କୋଟି କୋଟି ଟଙ୍କାର ଭିଲଭିଭୂମି ତିଆରି କରିବାରେ ବ୍ୟସ୍ତ, କିନ୍ତୁ ଏପଟେ କ୍ରୀଡ଼ାବିତମାନେ ଦିନକୁ ଦିନ ହଜିଗଲେଣି। ଖାଲି ଯାହା ଖେଳକୁ ନେଇ ଏଠି ସବୁ ରାଜନୀତି ଚାଲିଛି। ଆପଣ ଖାଲି ସେହି ହକି ଇଣ୍ଡିଆ ଟିମ୍ କୁ ଧରି ନାଚୁ ଆନ୍ତୁ। ▶▶ପୃଷ୍ଠା ୭

ଦ୍ୱିତୀୟ ଥର ପାଇଁ ଶପଥ ଗ୍ରହଣ କଲେ ଯୋଗୀ ଆଦିତ୍ୟନାଥ

ନୂଆଦିଲ୍ଲୀ, ୨୫/୦୩ : ଉତ୍ତରପ୍ରଦେଶରେ ପୁଣି ଆରମ୍ଭ ହେଲା ଯୋଗୀ ରାଜ । ଦ୍ୱିତୀୟ ଥର ପାଇଁ ୟୁପି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ ଯୋଗୀ ଆଦିତ୍ୟନାଥ । ଲଖ୍ନୌରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ୧୨ ରାଜ୍ୟର ମୁଖ୍ୟମନ୍ତ୍ରୀ ମଧ୍ୟ ସାମିଲ ହୋଇଛନ୍ତି । ବିଜେପିର ଦିଗଜ ନେତାଙ୍କ ଗହଣରେ ଦ୍ୱିତୀୟ ଥର ୟୁପି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ଯୋଗୀ ଆଦିତ୍ୟନାଥ । ବିଶାଳ ଷ୍ଟାଡିଅମ୍, ଲକ୍ଷାଧିକ ଲୋକ, ୧୨ ଟି ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ବିଜେପିର ବରିଷ୍ଠ ନେତା ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପସ୍ଥିତିରେ ଉତରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ ଯୋଗୀ ଆଦିତ୍ୟନାଥ । ଦ୍ୱିତୀୟ ଥର ପାଇଁ ୟୁପରେ ସରକାର ଗଢିଛନ୍ତି ଯୋଗୀ । ରାଜ୍ୟପାଳ ଆନନ୍ଦିବେନ ପଟେଲ ତାଙ୍କୁ ଶପଥ ପାଠ କରାଇଛନ୍ତି । ଏହାରି ସହିତ ୟୁପିରେ ଆରମ୍ଭ ହୋଇଯାଇଛି ଯୋଗୀ ୨.୦ ସରକାରଙ୍କ କାର୍ଯ୍ୟକାଳ । ଉତ୍ତରପ୍ରଦେଶରେ ଯୋଗୀ ଆଦିତ୍ୟନାଥ ଙ୍କ ଦ୍ୱିତୀୟ ପାଳି ଆରମ୍ଭ ହୋଇଛି । ୟୁପିରେ ପ୍ରଚଣ୍ଡ ବହୁମତ ହାସଲ କରିବାପରେ ପୁଣି ସରକାର ▶▶ପୃଷ୍ଠା ୭

ଚୀନ୍ ବିଦେଶ ମନ୍ତ୍ରୀଙ୍କୁ ଡୋଭାଲଙ୍କ ସ୍ପଷ୍ଟୋକ୍ତି

ନୂଆଦିଲ୍ଲୀ, ୨୫/୦୩ : ଭାରତ ଗସ୍ତରେ ଅଛନ୍ତି ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି । ଏହି ଅବସରରେ ସେ ଭାରତର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହ ଭେଟି ଘଣ୍ଟାଏରୁ ଅଧିକ ସମୟ ଆଲୋଚନା କରିଛନ୍ତି । ଆଲୋଚନା ମଧ୍ୟରେ ମୁଖ୍ୟ ପ୍ରସଙ୍ଗ ଥିଲା ଦୁଇ ଦେଶର ସୀମା ବିବାଦ । ଭାରତର ସମ୍ବେଦନଶୀଳ ଇଲାକା ତଥା ଭାରତ ମଧ୍ୟରେ ଥିବା ସୀମାରୁ ଚୀନ୍ ନିଜ ସେନାକୁ ଯଥାଶୀଘ୍ର ପ୍ରତ୍ୟାହାର କରିନେଉ । ଏହାଦ୍ୱାରା ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସ୍ୱାଭାବିକ ସ୍ତରକୁ ଆସିପାରିବ । ଦୁଇ ଦେଶ ମଧ୍ୟରେ କୌଣସି ବି ଆଲୋଚନା ଆରମ୍ଭ କରିବାକୁ ହେଲେ ପ୍ରଥମେ ବିଶ୍ୱାସ ସୃଷ୍ଟି ହେବା ଆବଶ୍ୟକ । ଗଣମାଧ୍ୟମର ସୂଚନା ମୁତାବକ, ରାଜନୈତିକ ଓ ପ୍ରତିରକ୍ଷା ସ୍ତରରେ ସକାରାତ୍ମକ ଆଲୋଚନା ପାଇଁ ଅବଶ୍ୟକତା ପ୍ରକାଶ କରିଛି ଭାରତ । ତେଣୁ ଦୁଇ ଦେଶ ପରସ୍ପରର ସୁରକ୍ଷାକୁ ସୁନିଶ୍ଚିତ କରିବାର ଭାବନାକୁ କେହି ଉଲଂଘନ କରିବା ଉଚିତ ନୁହେଁ । ଦୁଇ ଦେଶ ଗୋଟିଏ ଦିଗରେ କାମ କରିବାକୁ ଗୁରୁତ୍ୱ ଦେବା ଉଚିତ । ତେଣୁ ଲାଗି ରହିଥିବା ସୀମା ବିବାଦ ତଥା ଚୀନର ଭାରତ ମଧ୍ୟକୁ ଅନୁପ୍ରବେଶ ପ୍ରସଙ୍ଗକୁ ଯଥାଶୀଘ୍ର ସମାଧାନ କରାଯିବା ଉପରେ ଡୋଭାଲ ଗୁରୁତ୍ୱ ଦେଇଛନ୍ତି । ଦୁଇ ଦେଶ ମଧ୍ୟରେ ଆଲୋଚନାକୁ ବଢାଇବାକୁ ୱାଙ୍ଗ ୟି ଡୋଭାଲଙ୍କୁ ନିଜ ଦେଶକୁ ନିମନ୍ତ୍ରଣ କରିଛନ୍ତି । ହେଲେ ଜବାବ ଦେବାକୁ ଯାଇ ତତ୍କାଳ ମୁଦ୍ଦା ଗୁଡିକୁ ସକାରାତ୍ମକ ଢଙ୍ଗରେ ସମାଧାନ କରାଯିବା ପରେ ଯାଇ ସେ ଚୀନ ଗସ୍ତ କରିବେ ଏବଂ ଯାହା କଥାବାର୍ତ୍ତା ହେବ ବୋଲି ଅଜିତ୍ ଡୋଭାଲ ସଫା ସଫା କହିଛନ୍ତି ।

୨୭ରୁ ୩୦ ତାରିଖ ମଧ୍ୟରେ 'ଆଇଟିଆର'ର ପରରୀକ୍ଷାମୂଳକ ଉଡ଼ାଣ

ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତର ନିଷ୍ପତ୍ତି

ବାଲେଶ୍ୱର,୨୫/୦୩ (ନି.ପ୍ର): ଆସନ୍ତା ମାର୍ଚ୍ଚ ୨୭ରୁ ୩୦ ତାରିଖ ମଧ୍ୟରେ ଚାନ୍ଦିପୁର ପ୍ରତିରକ୍ଷା ବିଭାଗ 'ଆଇଟିଆର'ରୁ ସିରିଜ୍ ପରୀକ୍ଷାମୂଳକ ଉଡାଣ (ଏକ୍ସପେରିମେଂଟାଲ ଫ୍ଲାଇଟ୍ ଟ୍ରାଏଲ) ହେବାର କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ପରୀକ୍ଷଣ କେନ୍ଦ୍ର(ଏଲସି-୩)ର ଅଢ଼େଇ କିଲୋମିଟର ପରିଧି ମଧ୍ୟରେ ବସବାସ କରୁଥିବା ସ୍ଥାନୀୟ ଜନସାଧାରଣଙ୍କୁ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତର ସମ୍ପର୍କିତ ଏକ ଜରୁରୀ ବୈଠକ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପରୀକ୍ଷାମୂଳକ ଉଡାଣ ପାଇଁ ସ୍ଥାନୀୟ ଖଡୁପାହି, କୁସୁମୁଳି ପାହି, ଭୀମପୁର ପାହି, ତୁଣ୍ଡରା ପାହି, ଜୟଦେବକସବା ପାହି ଏବଂ ସାହାଜାନଗର ପାହି ଗ୍ରାମର ପ୍ରାୟ ୭ହଜାର ଲୋକଙ୍କୁ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତର ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏନେଇ ଖଡୁପାହି ୟୁ.ପି.ସ୍କୁଲ, ତୁଣ୍ଡରା ବାତ୍ୟା ଆଶ୍ରୟସ୍ଥଳୀ ଏବଂ ଜୟଦେବ କସବାପାହି ବାତ୍ୟା ଆଶ୍ରୟସ୍ଥଳୀଠାରେ ଅସ୍ଥାୟୀ ଶିବିର ସ୍ଥାପନ ନିଷ୍ପତ୍ତି ନିଆଯାଇଥିଲା। ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କୁ ସଠିକ୍ ଭାବେ ଚିହ୍ନଟ ସହ ସେମାନଙ୍କୁ ମାଇକ ପ୍ରଚାର ମାଧ୍ୟମରେ ସଚେତନ କରିବା ଏବଂ ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତର ପାଇଁ ପଦକ୍ଷେପ ନେବାକୁ ମତ୍ସ୍ୟ ବିଭାଗ ଉପ-ନିର୍ଦ୍ଦେଶକଙ୍କୁ କୁହାଯାଇଥିଲା। ଅସ୍ଥାୟୀ ଶିବିରକୁ ସ୍ଥାନାନ୍ତର ଲୋକଙ୍କୁ ପ୍ରାପ୍ୟ ଟଙ୍କା ଠିକ ଭାବେ ପ୍ରଦାନ ସହ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାପ୍ୟ ଟଙ୍କା ଗ୍ରହଣ ସମୟରେ ଲୋକମାନଙ୍କୁ ନିଜର ପରିଚୟ ପତ୍ର ଯଥା ଆଧାର କାର୍ଡ଼ କିମ୍ବା ଭୋଟର ପରିଚୟ ପତ୍ର ଦେଖାଇବାକୁ ହେବ । ଅସ୍ଥାୟୀ ଶିବିରକୁ ▶▶ପୃଷ୍ଠା ୭

କବି ପଞ୍ଚାନନ ସାହୁଙ୍କ ୯୨ବର୍ଷ ପୂର୍ତ୍ତି ସମାରୋହ ଓ ପୁସ୍ତକ ଉନ୍ମୋଚିତ

ରେମୁଣା, ୨୫/୦୩ (ନି.ପ୍ର): ରେମୁଣା ସାହିତ୍ୟ ସଂସଦ ଆନୁକୂଲ୍ୟରେ କବି ପଞ୍ଚାନନ ସାହୁଙ୍କ ୯୨ବର୍ଷ ପୂର୍ତ୍ତି ସମାରୋହ ଓ ତାଙ୍କର ସ୍ୱଲିଖିତ ୪ଖଣ୍ଡ ଗ୍ରନ୍ଥ କବିଙ୍କ ବାସଭବନ ବେଗମପୁର ଗ୍ରାମରେ ଲୋକାର୍ପିତ ହୋଇଯାଇଛି । ଶିକ୍ଷାବିତ୍ ଡ.ଭାଗବତ ପ୍ରସାଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଧ୍ୱନିପ୍ରତିଧ୍ୱନି ଓ ସାଗରିକା ପତ୍ରିକାର ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡ଼ା, ମୁଖ୍ୟ ବକ୍ତା କବି କାଳୀପଦ ପଣ୍ଡା, ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ, ବିଶିଷ୍ଟ ଅତିଥି କବି ଭରତ ଚନ୍ଦ୍ର ଦାଶ, ସଦସ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ, ସଭାପତି ଡ. ସତ୍ୟରଞ୍ଜନ ଦାସ, ଡ. ଶ୍ୟାମସୁନ୍ଦର ପଣ୍ଡା, ପ୍ରକାଶକ ହୃଦାନନ୍ଦ ସାହୁ, ବିକର୍ତ୍ତନ ନାୟକ, ଡ. ଗୋପୀନାଥ ମହାରଣା, ବିଧାନ ଚନ୍ଦ୍ର ରାୟ, ଡ. ସିନ୍ଧୁ ସେନ, ସାମ୍ବାଦିକ ଚିତ୍ତରଂଜନ ସାହୁ ପ୍ରମମୁଖ ଯୋଗଦେଇ ଶ୍ରୀଯୁକ୍ତ ସାହୁଙ୍କ କାବ୍ୟକୃତି ସଂପର୍କରେ ଆଲୋକପାତ କରି ପରିଣତ ବୟସରେ ଅଦ୍ୟାବଧି ଲେଖକ ଚାଳନାକୁ ଭୂୟସୀ ପ୍ରଶଂସା କରିଥିଲେ । ଡ. କୁମାର ଗୋପାଳ ପୁସ୍ତକ ଗୁଡ଼ିକୁ ସମୀକ୍ଷା କରିଥିଲେ । ବର୍ଷୀୟାନ କବି ଶ୍ରୀ ସାହୁ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରି ତାଙ୍କ ଅସଂଖ୍ୟ ପାଣ୍ଡୁଲିପି କିପରି ପ୍ରକାଶିତ ହେବ ତାର ଦାୟିତ୍ୱ ତାଙ୍କ ପୁତ୍ରଦ୍ୱୟଙ୍କୁ ତଥା ସାହିତ୍ୟିକ ବନ୍ଧୁଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଜ୍ୟେଷ୍ଠପୁତ୍ର ମନୋରଂଜନ ସାହୁ ସ୍ୱାଗତ ଅଭିଭାଷଣ, ସତ୍ୟଭାମା ମୁଦୁଲି ମଞ୍ଚ ଆବାହନ,

ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ସ୍ୱେଚ୍ଛାକୃତ ସେବା

ଜୟପୁର,୨୫/୦୩ (ନି.ପ୍ର): ନିର୍ବାଚନ ଗଣତନ୍ତ୍ରର ମହାପର୍ବ ଓ ନିଜ ପସନ୍ଦର ଜନ ପ୍ରତିନିଧି ଚୟନ କରିବାର ମହାର୍ଘ ମୂହୂର୍ତ।ଏହି କ୍ରମରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଜୟପୁର ପୌ।ର ପରିଷଦ ପାଇଁ ବିଭିନ୍ନ ବୁଥରେ ଅନୁଷ୍ଠିତ ହୋଇଯାଇଛି। ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ସରକାରୀ ମହିଳା ମହାବିଦ୍ୟାଳୟର କୋଡ଼ିଏରୁ ଉର୍ଦ୍ଧ୍ୱ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ନଗରର ବିଭିନ୍ନ ବୁଥରେ ନିର୍ବାଚନ ଅଧିକାରୀ ମାନଙ୍କୁ ସହାୟତା ପ୍ରଦାନ କରି କରିଛନ୍ତି।ଭୋଟଦାତା ମାନଙ୍କୁ ସହାୟତା ସହ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପୋଲିଂ ଅଧିକାରୀ ମାନଙ୍କୁ ବିଭିନ୍ନ ସହଯୋଗ କରିଥିଲେ। ସୂଚନାଯୋଗ୍ୟ କି ପୌର ପରିଷଦ ନିର୍ବାଚନରେ ସହାୟତା ପାଇଁ ଜୟପୁର ମୁନ୍ସିପାଲଟିର ନିର୍ବାଚନ ଅଧିକାରୀ ଆଗ୍ରହ ପ୍ରକାଶ କରିଥିଲେ। ସରକାରୀ ମହିଳା ମହାବିଦ୍ୟାଳୟ ଜୟପୁରର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ଼ ମନୋରଞ୍ଜନ ପ୍ରଧାନ ସ୍ୱେଚ୍ଛାସେବୀ ମାନେ ଗଣତନ୍ତ୍ରର ଏହି ପବିତ୍ର ପର୍ବରେ ସହଯୋଗ କରିବା ପାଇଁ ସ୍ୱେଚ୍ଛାସେବୀ ମାନଙ୍କୁ ଅଭିପ୍ରେରିତ କରିଥିଲେ। ପ୍ରାୟ କୋଡିଏ ଜଣ ସ୍ୱେଚ୍ଛାସେବୀ ସ୍ୱେଚ୍ଛାକୃତ ଭାବରେ ଏହା କାର୍ଯ୍ୟ ରେ ସହାୟତା କରିବା ପାଇଁ ଆଗେଇ ଆସିଥିଲେ। ସ୍ୱେଚ୍ଛାସେବୀ ମାନଙ୍କ ଏହି ସାଧୁ ଉଦ୍ୟମ ଓ ଆଗ୍ରହକୁ ସାଧାରଣରେ ପ୍ରଶଂସା କରିବା ସହ ସହାୟତା ପାଇଥିବା ଭୋଟଦାତାମାନେ ଖୁସି ବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟ ତରଫରୁ ଅଧ୍ୟକ୍ଷା ଡ଼ ମନୋରମା ଦେବୀ ଓ ଅଧ୍ୟାପକ ଅଧ୍ୟାପିକାମାନେ ଶୁଭେଚ୍ଛା ଜଣାଇଛନ୍ତି।

୧୫୬ ବର୍ଷରେ ରାଧାକାନ୍ତ ଜୀଉ ବନ୍ଧଡିହ ମେଳଣ

ଧର୍ମଶାଳା,୨୫/୦୩ (ନି.ପ୍ର): ଧୂମଧାମରେ ପାଳିତ ହେଉଛି ଯାଜପୁର ଜିଲାର ବନ୍ଧଡିହ ପଂଚାୟତର ରାଧାକାନ୍ତ ଜୀଉ ମେଳଣ। ଏହି ମେଳଣରେ ସାମିଲ ହୋଇଛନ୍ତି ୨୦ ଉର୍ଦ୍ଧ ଚୋଟ ବଡ ବିମାନ । ଏହି ନିଆର ଉତ୍ସବକୁ ପରମ୍ପରା ଅନୁଯାୟୀ ଗ୍ରାମାଂଚଳନ ଚାଷୀବନ୍ଦୀ ଲୋକେ ଧୂମଧାମରେ ପାଳନ କରିଥାନ୍ତି । କରୋନା କଟକଣା ଯୋଗଁ ଗତ ୨ ବର୍ଷ ଏହି ମେଳଣ ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ଏହି ମେଳଣରେ ପ୍ରବଳ ଜନସମାଗମ ହୋଇଛି । ଚଳିତ ବର୍ଷ ଏହି ମେଳଣ ୧୫୬ ବର୍ଷରେ ପଦାର୍ପଣ କରିଛି । ଏହି ମିଳନରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ହୋଇଛି ଏକ ନିଆରା ଭାଇଚାରା ପର୍ବ । ଧୂରେଧୂରେ ଏହାର କଳେବର ବୃଦ୍ଧି ପାଇବାରେ ଲାଗିଛି । ଗତ କାଲି ଏହି ମେଳଣ ଆରମ୍ଭ ହୋଇ ଆଜି ପୂର୍ବାହ୍ନରେ ଏହା ସମାପନ ହୋଇଥିଲା । ରାଧାକାନ୍ତ ଜୀଉ ଥାନପତି ବିମାନ ସହ ସ୍ଥାନୀୟ ୧୦ ଗୋଟି ପଂଚାୟତର ଛୋଟ ବଡ ବିମାନ ଯୋଗ ଦେଇ ଫଗୁ ଖେଳି ଥିଲେ । ସୁସଜ୍ଜିତ ବିମାନଗୁଡିକରେ ସ୍ଥାନ ପାଇଥିଲେ ରାଧାକୃଷ୍ଣଙ୍କ ଯୁବଳ ମୂର୍ତି । ଠାକୁର ବାଡିଆ ଭାଇମାନେ ନାଚଗୀତ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ । ଏହି ଅବସରରେ ମେଳଣ ପଡିଆର ଚତୃପାର୍ଶ୍ୱରେ ବିଭିନ୍ନ କିସମର ମୀନା ବଜାର ଦୋକାନ ଖୋଲା ଯାଇଥିଲା । ଏହା ସଂଗକୁ ବିଭିନ୍ନ କିସମର ଦୋଳି ଲାଗିଥିବାରୁ କୁନିକୁନି ପିଲା ଏହାର ଭରପୂର ମଜା ନେଇଥିଲେ । ଶାନ୍ତିଶୃଙ୍ଖଳା ବଜାୟ ନିମନ୍ତେ ବ୍ରହ୍ମବରଦା ଫାଣ୍ଡି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

କେନ୍ଦ୍ରାପଡା ମହାବିଦ୍ୟାଳୟରେ ଶିକ୍ଷକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୨୫/୦୩ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଶିକ୍ଷକମାନଙ୍କର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଉଦଘାଟନ କରିଥିଲେ । ଭୁବନେଶ୍ୱର ବିରଳା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ପ୍ରଫେସର ସୁଧାଇ ପଣ୍ଡା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋଭିଡ-୧୯ ମହାମାରୀ ବିଶ୍ୱ ଓ ଭାରତର ଅର୍ଥନୀତି ଉପରେ ପ୍ରଭାବର ଆଲୋକପାତ କରିଥିଲେ । ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ପି.କେ. ଘୋଷ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅତୀତ, ବର୍ତ୍ମାନ ଓ ଭବିଷ୍ୟତର ଜ୍ଞାନ କୌଶଳ ଉପରେ ଆଲୋକପାତ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ଯୋଗଦେଇ ଶିକ୍ଷକମାନଙ୍କର ଜ୍ଞାନ କୌଶଳର ଆବଶ୍ୟକତା ଉପରେ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ସଂଯୋଜକ ଡଃ. ପ୍ରଭାକର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନେ ଅଂଶଗ୍ରହଣ କରିଥିଲେ । ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଅଧ୍ୟାପକ ଅଜୟ କୁମାର ସାମଲ ଏଥିରେ ଯୋଗଦେଇଥିଲେ । ଶେଷରେ ଅଧ୍ୟାପକ ଦେବକାନ୍ତ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଆବାସ ଯୋଜନାର ବିକଳ ଚିତ୍ର : ରାତିରେ ତାରା ଦିନରେ ଖରା, ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ

ବଣାଇଗଡ଼ ,୨୫/୦୩ (ନି.ପ୍ର): ବଣାଇ ବ୍ଲକ ଅନ୍ତର୍ଗତ କେନ୍ଦ୍ରିକଳା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏବେ ଭଙ୍ଗା କୁଡ଼ିଆରେ ଅସହାୟ ଅବସ୍ଥାରେ ରହୁଥିବା ବିକଳ ଚିତ୍ର ଦେଖିବାକୁ ମିଳିଛି । ସରକାରଙ୍କ ମାଳମାଳ ଯୋଜନାରୁ କୌଣସି ସୁଫଳ ପାଇ ପାରୁ ନାହାନ୍ତି ବୋଲି ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା, ସରକାରଙ୍କ ଏତେ ସବୁ ଯୋଜନା ପରେ ଯୋଜନା କାର୍ଯ୍ୟକାରୀ କରି ଆସୁଥିଲେ ମଧ୍ୟ ପ୍ରକୃତ ହିତାଧିକାରୀଙ୍କ ପାଖରେ ଏ ସବୁ କାହିଁକି ପହଞ୍ଚି ପାରୁ ନାହିଁ ବୋଲି ପ୍ରଶ୍ନ ଉଠିଛି । ସରକାରୀ ବାବୁ ମାନଙ୍କ ସଲାସୁତରାରେ ବାଟବଣା ହେଉଛି ଏହି ସବୁ ସରକାରୀ ଯୋଜନା । ଭାତ ହାଣ୍ଡିରୁ ?ଗୋଟିଏ ଭାତ ଭଳି ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରିକଳା ପଞ୍ଚାୟତର ଅଲେଖପୁର ଗ୍ରାମରେ । ଗ୍ରାମର ରଙ୍ଗ ପାତ୍ର ଯାହାର ବୟସ ୬୫ ପାଖାପାଖି ହେବ । ଅଭାବି ମଣିଷ ହିସାବରେ ମା ଓ ପୁଅ ଦୁଇଜଣ ରହିବା ପାଇଁ ଘର ଖଣ୍ଡେ ନାହିଁ। ଫଳରେ ଦିନରେ ଖରା ଓ ରାତିରେ ତାରା ଦେଖାଯାଉଥିବା ଭଙ୍ଗା କୁଡ଼ିଆରେ ଜୀବନ ଯାପନ କରୁଛନ୍ତି । ତାଙ୍କର ବର୍ଷବର୍ଷ ଧରି ଏ ଅବସ୍ଥା ରହିଥିଲେ ମଧ୍ୟ ସେ ବହୁବାର ସରକାରଙ୍କ ବଡବାବୁଙ୍କ ଠାରେ ଆପତ୍ତି ଅଭିଯୋଗ କରି ଆସୁଥିଲେ ହେଁ ତାଙ୍କ ପାଇଁ ସରକାରୀ ଘରଟିଏ ସ୍ୱପ୍ନ ହୋଇରହିଯାଇଛି । ପ୍ରକାଶ ଯୋଗ୍ୟ ଏହା ପୂର୍ବରୁ ପଞ୍ଚାୟତର ପାଣ୍ଡୁରିଶିଳା ଗ୍ରାମ ୧୪ନ ୱାଡର ମୀନା ବଳ ଏକ ଭଙ୍ଗା କୁଡ଼ିଆରେ ପଲିଥିନଟିଏ ଟାଣି ନିଜର ସାଂସାରିକ ଜୀବନ ବିତାଉଛନ୍ତି । ସେ ବର୍ଷ ବର୍ଷ ଧରି ଏ ଅବସ୍ଥାରରେ ରହିଲେ ମଧ୍ୟ ସେମାନଙ୍କ ପ୍ରତି ସରକାରୀ ବାବୁ ତଥା ସ୍ଥାନୀୟ ନେତାମାନଙ୍କ ଦୃଷ୍ଟି ପଡୁନାହିଁ।

ଏ ବାବଦରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ସରକାରଙ୍କ ପକ୍ଷରୁ ବଣାଇଗଡ଼ ରାଜସ୍ୱ ନିରୀକ୍ଷକ ସରଜମିନ ତଦନ୍ତ କରି ତାଙ୍କ କାମ ଶେଷ କରି ଦେଇଛନ୍ତି । ସହାୟତାର କୌଣସି ଚିହ୍ନବର୍ଣ୍ଣ ମିଳିପାରୁ ନାହିଁ। ଅନୁରୂପ ଭାବେ କେନ୍ଦ୍ରିକଳା ପଞ୍ଚାୟତ କଲୋନି ସାହିରେ ରହୁଥିବା ଭୂମିହୀନ ଗରିବ ପ୍ରସନ୍ନ ନାଏକ ଭଙ୍ଗା କୁଡ଼ିଆରେ ପତ୍ନୀ ଓ ଦୁଇ ପୁଅ ଓ ଝିଅଙ୍କୁ ନେଇ ରହୁଥିବାବେଳେ ତାଙ୍କ ପ୍ରତି ମଧ୍ୟ ସରକାରୀକଳର ନଜର ପଡୁ ନାହିଁ। ତେବେ ପ୍ରାଥମିକତା ଭିତରେ ପ୍ରକୃତ ଭୂମିହୀନ ହିତାଧିକାରୀଙ୍କୁ ଚିହ୍ନଟ କରି ତୁରନ୍ତ ସେମାନଙ୍କୁ ସରକାରୀ ବାସଗୃହ ଯୋଗାଇବାକୁ ସାଧାରଣରେ ଦାବି ହେଉଛି ।

ପାଣିକୋଇଲି ଉଚ୍ଚ ବିଦ୍ୟାଳୟରେ ବନ ଓ ଜଳ ଦିବସ

କୋରେଇ,୨୫/୦୩ (ନି.ପ୍ର): ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ୨ ଦିନ ଧରି ଇକୋ କ୍ଲବ ଆନୁକୂଲ୍ୟରେ ବିଶ୍ୱ ଜଳ ଓ ବନ ଦିବସ ପାଳିତ ହୋଇଛି । ପ୍ରଧାନ ଶିକ୍ଷକ ସତ୍ୟବାଦୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ପ୍ରତାପ କୁମାର ପହୀ ଏହି ଦିବସ ପାଳନର ଗୁରୁତ୍ୱ ଉପରେ ଛାତ୍ର/ଛାତ୍ରୀଙ୍କ ଧ୍ୟାନ ଆକର୍ଷଣ କରିଥିଲେ । ଶିକ୍ଷକ ଯତିନ୍ଦ୍ର କୁମାର ନନ୍ଦ ଜଳ ସମସ୍ୟା ଓ ତାହାର ସମାଧାନ ଉପରେ ଆଲୋକପାତ କରିଥିଲେ । ଇକୋ କ୍ଲବ ତରଫରୁ ଛାତ୍ର/ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗୀତା କରାଯାଇଥିଲା । ଶିକ୍ଷୟତ୍ରୀ ଗାୟତ୍ରୀ ନାୟକ, ଇତିଶ୍ରୀ ଲେଙ୍କା, ମାନିନୀ ଦାସ, ରୋଜାଲିନ ବାହାଲିଆ, ଅମ୍ବିକା ନନ୍ଦ, କଳ୍ପନା ପଣ୍ଡା, ସୁଧାଂଶୁ ବାଳା ଦାସ, ଶୈଳବାଳା ସେନାପତି, ଆଶାଲତା ସିଂ, ପ୍ରୀୟଦର୍ଶୀ ବିଶ୍ୱାଳ, ରିତାରାଣୀ ପାଢୀ, ଓ ଶିକ୍ଷକ ପ୍ରଫୁଲ୍ଲ ଦାଶ, ପ୍ରଫୁଲ୍ଲ ବେହେରା ଏବଂ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।

ବରିଷ୍ଠ ନାଗରିକ ମଂଚର ବୈଠକ

କୋରେଇ,୨୫/୦୩ (ନି.ପ୍ର): ପାଣିକୋଇଲିର ଅଗ୍ରଣୀ ସଙ୍ଗଠନ ବରିଷ୍ଠ ନାଗରିକ ମଂଚର ମାସିକ ବୈଠକ ନିଜସ୍ୱ କାର୍ଯ୍ୟାଳୟ ପରିସରରେ ସଭାପତି ନୃସିଂହ ଚରଣ ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଗତ ସଭାର ବିବରଣୀ ପ୍ରଦାନ ପରେ ତାହା ଗୃହୀତ ହୋଇଥିଲା । ଏଥି ସହିତ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ବୈଠକରେ ମୁଖ୍ୟ ଅତିଥିଭାବେ ଫିଜିଓଥୋରାପିଷ୍ଟ ଶ୍ରମତୀ ସୌଦାମିନୀ ପାତ୍ର ବାର୍ଦ୍ଧକ୍ୟରେ ଦେଖାଦେଉଥିବା କେତେକ ସାଧାରଣ ରୋଗ ସମ୍ପର୍କରେ ସୂଚନା ଦେବାସହ ସହିତ ସେ ମଧ୍ୟରୁ ଅନେକ ଫିଜିଓଥୋରାପି ଦ୍ୱାରା ଆରୋଗ୍ୟ ବା ଉପସମ ହୋଇପାରିବା ସମ୍ପର୍କରେ ଆଲୋଚନା କରିଥିଲେ । ଦୈନିକ ପରିଚର୍ଯ୍ୟାରେ ଖାଦ୍ୟ, ଶୟନ, ବସିବା, ଚାଲିବା ଓ ଅନ୍ୟ କେତେକ କ୍ଷେତ୍ରରେ କି ପ୍ରକାର କରାଯିବ ଓ ଖାଦ୍ୟ ପଦାର୍ଥ କଣ ହେବ ନହେବା ଉଚିତ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ । ମୁଖ୍ୟ ବକ୍ତାଭାବେ ପ୍ରଧ୍ୟାପକ ଡଃ ଦାମୋଦର ମହାପାତ୍ର ଆଲୋଚନା କରି ମଣିଷର ଦୈନଦୀନ ଜୀବନ ଶୈଳୀ ଓ ମାନସିକ ଦୁଶ୍ଚିନ୍ତା ପରିହର କଲେ ନିଜେ ସୁସ୍ଥ ରହିବା ସହିତ ସମାଜ ସୁସ୍ଥ ରହିବ ବୋଲି ମତବ୍ୟକ୍ତ କରିଥିଲେ । ୩ ନମ୍ବର ଜିଲ୍ଲା ପରିଷଦ ଜୋନରୁ ନଳନୀପ୍ରଭା ଯେନା ଜିଲ୍ଲା ପରିଷଦ ଅଧ୍ୟକ୍ଷ ନିର୍ବାଚିତ ହୋଇଥିବାରୁ ଓ ସେହି ଜୋନରୁ ଜୟନ୍ତୀ ଦଳାଇ ବ୍ଲକ ଅଧ୍ୟକ୍ଷା ନିର୍ବାଚିତ ହେବାରୁ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପାଣିକୋଇଲି ସରପଂଚ ପଦ୍ମାବତୀ ପଣ୍ଡା, ପଥରପଦା ସରପଂଚ ମଧୁସ୍ମିତା ବାରିକ, ପାଣିକୋଇଲି ସମିତିସଭ୍ୟା ସୁଜାତା ଘଡାଇ, ପଥରପଦା ସମିତିସଭ୍ୟା ସରସ୍ୱତୀ ସ୍ୱାଇଁ ପ୍ରମୁଖଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଥିଲା । ଜନ ପ୍ରତିନିଧିମାନେ ବରିଷ୍ଠ ନାଗରିକ ମାନଙ୍କ ପ୍ରତି ସହାନଭୂତିଶୀଳ ହେବେ ବୋଲି ଆଶାବ୍ୟକ୍ତ କରାଯାଇଥିଲା । ରାଜ୍ୟ ସଙ୍ଗଠନର ବାର୍ଷିକ ଉତ୍ସବରେ ୨୦ ଜଣ ପ୍ରତିନିଧି ଯୋଗଦେବାକୁ ନିଷ୍ପତି କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରଧ୍ୟାପକ ଉମାକାନ୍ତ ଖଣ୍ଡାଇ, ପୁରୁଷୋତମ ବାରିକ, ଭଗବାନ ପଣ୍ଡା, ଚନ୍ଦ୍ରମଣି ସ୍ୱାଇଁ, ବୈଷ୍ଣବ ଚରଣ ସାହୁ, ନରେନ୍ଦ୍ର ଘଡାଇ, ସନାତନ ବିଶ୍ୱାଳ, ଦଇତାରୀ ଜେନା, ପ୍ରହଲ୍ଲାଦ ଜେନା, ସୁରେନ୍ଦ୍ର ସେଠୀ, ରାମ ଚନ୍ଦ୍ର ମଲିକ, ରାଜକିଶୋର ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅଭିରାମ ବାରିକଙ୍କ ଦ୍ୱାରା ମଧ୍ୟାନ୍ନ ଭୋଜନ ବ୍ୟବସ୍ଥା କରାଯିବା ସହ ଯୁଗ୍ମ ସମ୍ପାଦକ ମଦନ ମୋହନ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଉରକେଲା ଏନ୍‌ଆଇଟି ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ଚିନ୍ତା : ମିଳୁଛି ନିମ୍ନମାନର ଖାଦ୍ୟ, ପୁଣି ଘଣ୍ଟା ଘଣ୍ଟା ବିତୁଛି ଲାଇନରେ

ରାଉରକେଲା ,୨୫/୦୩ (ନି.ପ୍ର): କରୋନା କଟକଣା ହଟିବା ପରେ ସ୍ୱାଭାବିକ ହୋଇଛି ରାଉରକେଲାସ୍ଥ ଜାତୀୟ ବୈଷୟିକ ଶିକ୍ଷା ପ୍ରତିଷ୍ଠାନ (ଏନ୍‌ଆଇଟି) । ଆରମ୍ଭ ହୋଇଛି ଅଫ୍ ଲାଇନ୍ ପାଠପଢ଼ା । ପ୍ରାୟ ସମସ୍ତ ଛାତ୍ରାବାସର ମେସ୍ ଖୋଲିଛି । ମୋଟ୍ ୭ଟି ଛାତ୍ର ଓ ୨ଛାତ୍ରୀ ନିବାସ ପାଇଁ ରହିଛି ୭ଟି ମେସ୍। ଏବେ ପାଖାପାଖି ୫ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏସବୁ ମେସ୍‌ରେ ଖାଉଛନ୍ତି । ଛାତ୍ରଛାତ୍ରୀଙ୍କ ପାଇଁ ମେସ୍‌ଗୁଡ଼ିକରେ ଦୈନିକ ୪ଥର ଖାଦ୍ୟର ବ୍ୟବସ୍ଥା କରାଯାଇଛି । ସକାଳ ୭ଟାରୁ ୯ଟା ମଧ୍ୟରେ ଜଳଖିଆ, ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୧.୩୦ ଭିତରେ ମଧ୍ୟାହ୍ନ ଭୋଜନ, ସଂଧ୍ୟା ୫ଟାରୁ ୬.୧୫ ପର୍ଯ୍ୟନ୍ତ ସାନ୍ଧ୍ୟ ଜଳଯୋଗ ଓ ରାତି ୭ଟା ୪୫ରୁ ୯ଟା ୧୫ ପର୍ଯ୍ୟନ୍ତ ରାତ୍ରୀ ଭୋଜନ ପାଇଁ ସମୟ ନିର୍ଦ୍ଧାରଣ କରାଯାଇଛି । କ୍ୟାଟରିଂ ସେବା ଯୋଗାଉଥିବା ଠିକା ସଂସ୍ଥାକୁ ମେସ୍ ଚଳାଇବା ପାଇଁ ପ୍ରତିବର୍ଷ ଏନ୍‌ଆଇଟି ଟେଣ୍ଡର ଜରିଆରେ ମନୋନୀତ କରିବାର ନିୟମ ରହିଛି । କିନ୍ତୁ ବିଡମ୍ବନା ଯେ କିଛି ନିର୍ଦ୍ଦିଷ୍ଟ ଠିକା ସଂସ୍ଥା ବର୍ଷ ବର୍ଷ ଧରି ଏହି ମେସ୍‌ଗୁଡ଼ିକୁ ଚଳାଉଛନ୍ତି । ଫଳରେ ଅନେକ ଅଭିଯୋଗ ଆସୁଥିଲେ ମଧ୍ୟ ଭିତିରି ସଲାସୁତୁରାରେ ସବୁ କିଛି ଚାଲୁଥିବାରୁ ତଦାରଖ ଦାୟିତ୍ୱରେ ଥିବା ଏନ୍ ?ଆଇଟି ଅଧିକାରୀମାନେ ଥରୁଟିଏ ଏସବୁ ଠିକା ସଂସ୍ଥା ବିରୋଧରେ ମୁହଁ ଖୋଲୁ ନାହାନ୍ତି । ତେଣୁ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ହେଉନି । ଫଳରେ କିଛି ଠିକା ସଂସ୍ଥା ମନଇଚ୍ଛା ମେସ୍ ଚଳାଉଛନ୍ତି । ଅନେକ ସମୟରେ ନିମ୍ନମାନର ଖାଦ୍ୟ ପରସା ଯାଉଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରୁଛନ୍ତି । କେବଳ ଏତିକି ନୁହେଁ, ଏହି ନିମ୍ନମାନର ଖାଦ୍ୟ ପାଇଁ ବି ସେମାନଙ୍କୁ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଛିଡା ହେବାକୁ ପଡୁଛି । ଫଳରେ ଅନେକଙ୍କ ପଢ଼ାପଢ଼ି, ଏପରିକି କ୍ଲାସ୍ ଯିବାରେ ମଧ୍ୟ ସମସ୍ୟା ହେଉଛି । ସମସ୍ତେ ଏହା ଜାଣୁଥିଲେ ହେଁ ଏନ୍‌ଆଇଟି କର୍ତ୍ତୃପକ୍ଷ ସ୍ଥିତି ସୁଧାରିବାଲାଗି କୌଣସି ତତ୍ପରତା ପ୍ରକାଶ କରୁ ନାହାନ୍ତି । ଦେଶର ଅନେକ ରାଜ୍ୟରୁ, ଏପରିକି ବିଦେଶରୁ ଶହ ଶହ ଛାତ୍ର ଛାତ୍ରୀ ରାଉରକେଲା ଏନ୍‌ଆଇଟିରେ ପଢୁଛନ୍ତି । ଏହାର ସ୍ଥିତି ଉପରେ ଗୋଟିଏ ଦୃଷ୍ଟିରୁ ରାଜ୍ୟର ସୁନାମ ମଧ୍ୟ ନିର୍ଭର କରୁଛି । କିନ୍ତୁ ଏପରି ଏକ ଜାତୀୟ ଅନୁଷ୍ଠାନରେ ଚାଲିଥିବା ଏହି ସ୍ଥିତି ସଂପର୍କରେ କର୍ତ୍ତୃପକ୍ଷ ନିରବ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ମିଳିଥିବା ସୂଚନା ଅନୁସାରେ, ଅନେକ ବ୍ୟକ୍ତିବିଶେଷ ପ୍ରାୟ ୫ ବର୍ଷରୁ ଅଧିକ ସମୟ ଧରି ମେସ୍ ଚଳାଉଥିଲେ ହେଁ, ଟେଣ୍ଡର ନକରି ସେମାନଙ୍କୁ ବାରମ୍ବାର ସୁଯୋଗ ଦିଆଯାଉଛି । ଫଳରେ ସେମାନେ ମନଇଚ୍ଛା ମେସ୍ ଚଳାଇ ନିଜ ପକେଟ ଗରମ କରୁଥିବାବେଳେ ଛାତ୍ର ଛାତ୍ରୀ ଭୀଷଣ ହଇରାଣ ହେଉଛନ୍ତି । ଉଲ୍ଲେଖଯୋଗ୍ୟ, ଗତ ୨୦୦୯ ରୁ ୨୦୧୪ ପର୍ଯ୍ୟନ୍ତ ତତ୍କାଳୀନ ବିନା ଟେଣ୍ଡରରେ ଏନ୍‌ଆଇଟିର ଏହି ମେସ୍‌ଗୁଡ଼ିକ ଚାଲିଥିଲା । କ୍ୟାଟରିଂ ସଂସ୍ଥାର ମାଲିକମାନେ ବିଭାଗୀୟ ଅଧିକାରୀଙ୍କୁ ମୋଟା ଅଙ୍କର ହାତ ଗୁଞ୍ଜା ଦେଇ ମନଇଚ୍ଛା ବର୍ଷ ବର୍ଷ ଧରି କାମ ଚଳାଉଥିଲେ । ଏସବୁ କାର୍ଯ୍ୟରେ ସ୍ୱଚ୍ଛତା ଆଣିବାକୁ ୨୦୧୫ ପରେ ଆରମ୍ଭ ହେଲେ ଟେଣ୍ଡର ପ୍ରକ୍ରିୟା । କିନ୍ତୁ ମେସ୍ ପରିଚାଳନା ଦାୟିତ୍ୱରେ ଥିବା ଏନ୍ଆଇଟିର କିଛି କରିତ୍‌କର୍ମା ଲାଭଖୋର ଅଧିକାରୀ ନାନା ଚାଲାକି କରି ସ୍ଥିତିକୁ ବଦଳିବାର ସୁଯୋଗ ଦେଉ ନାହାନ୍ତି । ଲୋକ ଦେଖାଣିଆ ଭାବେ ନାଁକୁ ମାତ୍ର ଟେଣ୍ଡର ହେଉଛି, କିନ୍ତୁ ଅଧିକାରୀମାନେ ରାତାରାତି ମନଇଚ୍ଛା ନିଷ୍ପତ୍ତି ନେଉଛନ୍ତି । ବିଭିନ୍ନ ନିୟମର ଆଳରେ ନୂଆ ଆବେଦନକାରୀଙ୍କୁ ଦୂରେଇ ରଖୁଛନ୍ତି । କିନ୍ତୁ ସ୍ଥିତିରେ କିଛି ପରିବର୍ତ୍ତନ ଘଟୁନାହିଁ । ପଢ଼ିବାକୁ ଓ ଉଚ୍ଚତର ଗବେଷଣା କରିବାଲାଗି ଏଠାକୁ ଆ

ହିମାଚଳ ପ୍ରଦେଶର ତୀର୍ଥନ୍ ଘାଟି

ତୀର୍ଥନ୍ ଘାଟି ହିମାଚଳପ୍ରଦେଶର ସବୁଠୁ ସୁନ୍ଦର ଘାଟିମଧ୍ୟରୁ ଅନ୍ୟତମ । ବର୍ଷସାରା ଘାଟିର ପାଣିପାଗ ଅତ୍ୟନ୍ତ ଲୋଭନୀୟ ରହିଥାଏ । ଭ୍ରମଣର କ୍ଲାନ୍ତି ଦୂରେଇବାରେ ଏହି ଘାଟି ନିଜ ଭିତରେ ଅନେକ କିଛି ସାଇତି ରଖିଛି ।

ତୀର୍ଥନ୍ ଘାଟି ହିମାଚଳପ୍ରଦେଶର ସବୁଠୁ ସୁନ୍ଦର ଘାଟିମଧ୍ୟରୁ ଅନ୍ୟତମ । ସ୍ଥାନଟି ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଅନେକ ପର୍ଯ୍ୟଟନସ୍ଥଳିକୁ ନିଜ ଭିତରେ ସାଇତିରଖିଛି । ତୀର୍ଥନ୍ ଘାଟିକୁ ଅନେକ ସଂଖ୍ୟାରେ ପର୍ଯ୍ୟଟକ ଆକର୍ଷିତ ହୋଇ ଆସିଥାନ୍ତି । ହିମାଳୟ ନ୍ୟାସନାଲ ପାର୍କଠାରୁ ଘାଟିଟି ପ୍ରାୟ ୩କିମି ଦୂରରେ ଅବସ୍ଥିତ । ତୀର୍ଥନ୍ ଘାଟି ଆଡଭେଞ୍ଚର ପାଇଁ କୌଣସି ସ୍ୱର୍ଗଠୁ କମ ନୁହେଁ । ହିମାଳୟ ଶୃଙ୍ଖଳା ସମ୍ପୂର୍ଣ୍ଣ ବରଫରେ ଢ଼ାଙ୍କି ରହୁଥିବାବେଳେ ତୀର୍ଥନ୍ ଘାଟି ଟ୍ରାଉଟ ପାଇଁ ପ୍ରସିଦ୍ଧ । ପ୍ରତିବର୍ଷ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଥାଏ ପଛକେ କମିବାର ନାଁ ନିଏନାହିଁ । ଏଠାରେ ବିଦେଶୀ ପର୍ଯ୍ୟଟକଙ୍କ ସମେତ ସ୍ଥାନୀୟ ଲୋକଙ୍କ ଭିଡ଼ ସବୁବେଳେ ଲାଗିରହିଥାଏ ।

ଘାଟିର ଆଖପାଖରେ ଖୁବ୍ତ ସୁନ୍ଦର ଗାଁମାନ ଗଢ଼ିଉଠିଛି । ଏଠାରେ ଆପଣ ପ୍ରାକୃତିକ ସୌନ୍ଦର୍ଯ୍ୟର ଏକ ନିଆରା ପରିଚୟ ଅନୁଭବ କରିପାରିବେ । ବର୍ଷସାରା ଘାଟିର ପାଣିପାଗ ଅତ୍ୟନ୍ତ ଲୋଭନୀୟ ରହିଥାଏ । ଏଠାକାର ଶାନ୍ତ ପରିବେଶ ପର୍ଯ୍ୟଟକଙ୍କ ମନମୋହିନି, । ତୀର୍ଥନ୍ ଘାଟି ଆସିବାରେ ସଠିକ୍ ସମୟ ଖରାଦିନ ଏବଂ ଶୀତଦିନ ପ୍ରାରମ୍ଭ । ଏହି କ୍ଷେତ୍ରକୁ ଆସିବାକୁ ଏମିତିରେ କିନ୍ତୁ ତିନୋଟି ଋତୁ ବେଶ ମନଛୁଆଁ ରହିଥାଏ । ପ୍ରଥମତଃ ଏପ୍ରିଲରୁ ଜୁନ୍ । ଏ ସମୟରେ ତୀର୍ଥନ୍ ଘାଟିର ପଆକୃତିକ ସୌନ୍ଦର୍ଯ୍ୟ ଏବଂ ପରିବେଶ ଅତ୍ୟନ୍ତ ଆକର୍ଷଣୀୟ ଥାଏ । ଖାରାରୁ ରକ୍ଷା ପାଇବାକୁ ଏହି ପରିବେଶ ପର୍ଯ୍ୟଟକଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାରେ କୌଣସି ଅବହେଳା କରିନଥାଏ । ପୂରା କ୍ଷେତ୍ର ବୃକ୍ଷଲତାରେ ପରିପୂର୍ଣ୍ଣ ଥାଏ । ଏହାର ତାଜା ପବନ ଶରୀରକୁ ସ୍ପର୍ଶ କରି ଦେହମନରେ ଶିହରଣ ସୃଷ୍ଟିଦିଏ । ଏହାସହ ଘାଟିରେ ଥିବା ସୁଗନ୍ଧିତ ରଙ୍ଗୀନ ପୁଷ୍ପ ମନକୁ ରୋମାଞ୍ଚିତ କରିଦିଏ । ଦ୍ୱିତୀୟରେ ନଭେମ୍ବରରୁ ଫେବୃଆରୀ । ଏ ସମୟରେ ତୀର୍ଥନ୍ ଘାଟି ଚତୁଃପାର୍ଶ୍ୱ ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ପସନ୍ଦ ଆସିଥାଏ । ସମସ୍ତ ବୃକ୍ଷଲତା ଉପରେ ବରଫ ଜମା ହୋଇଯାଇଥାଏ । ରାସ୍ତାରେ ଯିବାବେଳେ ଲାଗେ ସେତେଯେମିତି



କେହି ଜଣେ ବରଫ ଚାଦର ବିଛାଇ ଆପଣଙ୍କ ସ୍ୱାଗତ ପାଇଁ ଅପେକ୍ଷା କରିରହିଛି । ତୃତୀୟରେ ମାର୍ଚ୍ଚରୁ ଏପ୍ରିଲ । ଏସମୟରେ ଘାଟି ସବୁଠୁ ଅଧିକ ସୁନ୍ଦର ଲାଗେ । କାରଣ ଚାରିଆଡ଼େ ଥିବା ଖୋଲା ପଡ଼ିଆ ସବୁ ଘାସରେ ପରିପୂର୍ଣ୍ଣ ହୋଇଯାଇଥାଏ । ଫଳ ଫୁଲରେ ବଗିଚା ଭରିଯାଇଥାଏ । ଏ ଦୃଶ୍ୟ ମନକୁ ମନ୍ତ୍ରମୁଗ୍ଧ କରିଦିଏ । ଛୁଟି କାଟିବାକୁ ବୋଧହୁଏ ଏହାଠୁ ଭଲ ସ୍ଥାନ ଅନ୍ୟ କେଉଁଠି ପାଇବେ ନାହିଁ । ତୀର୍ଥନ୍ ଘାଟି ଆଖପାଖରେ ଖୁବ୍ ସୁନ୍ଦର ଦର୍ଶନୀୟ ସ୍ଥାନ ରହିଛି । ପଶ୍ଚିମ ହିମାଳୟର ପାଇନ ଜଙ୍ଗଲ ନିକଟରେ ସୁନ୍ଦର ରିସୋର୍ଟ ଏବଂ ଟ୍ରିହାଉସ ରହିଛି । ଏହା ନିଶ୍ଚିତ ଭାବେ ପର୍ଯ୍ୟଟକଙ୍କ ଧ୍ୟାନ ଆକର୍ଷିତ କରିନେବ । ଏହାଛଡ଼ା ପାଖରେ ଥିବା ଗାଁ ଗୁଡ଼ିକର ଭ୍ରମଣ କରି ପ୍ରାକୃତିକ ସୌନ୍ଦର୍ଯ୍ୟ, ଏଠାକାର ସଂସ୍କୃତି ଏବଂ ସେମାନଙ୍କ



ଜୀବନଶୈଳୀ ବିଷୟରେ ଜାଣିପାରିବେ । ଏହାଛଡ଼ା ବରଫ ଢ଼ଙ୍କା ବର୍ପତରେ କିଛି ସମୟ ବିତାଇପାରିବେ ଘନ ଜଙ୍ଗଲ ଏବହ ଆଲପାଇନ ମଇଦାରେ ଆପଣ ରଙ୍ଗୀନ୍ ଏବଂ ବିଦେଶାଗତ ପକ୍ଷୀଙ୍କ ସମୟ ସମୟ ବିତାଇପାରିବେ । କ୍ଷେତ୍ରର ସବୁଠୁ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ମଧ୍ୟରୁ ଗୋଟିଏ ହେଉଛି ସେରୋଲ୍ସର ହ୍ରଦ । ଜାଲୋରୀଠାରୁ ପ୍ରାୟ ୫କିମି ଦୂରରେ ଏହା ଅବସ୍ଥିତ । ହ୍ରଦଟି ଖୁବ୍ ଛୋଟ କିନ୍ତୁ ଏଠାର ସୌନ୍ଦର୍ଯ୍ୟ ବେଶ୍ ମନୋଲୋଭା । ସ୍ଥାନଟି ବୁଢ଼ୀ ନାଗୁଣୀଙ୍କୁ ସମର୍ପିତ । କୁହାଯାଏ ବୁଢ଼ୀ ନାଗୁଣୀ ଏହି କ୍ଷେତ୍ରରେ ଘେରିରହିଛନ୍ତି ।

ତୀର୍ଥନ୍ ଘାଟି ନିକଟରେ ଥିବା ପରାଶନ ହ୍ରଦର ସୌନ୍ଦର୍ଯ୍ୟ ଖୁବ୍ ମନଛୁଆଁ । ଏହାକୁ ବେଶ୍ ପବିତ୍ର ବୋଲି ବିଶ୍ୱାସ କରନ୍ତି ସ୍ଥାନୀୟ ବାସିନ୍ଦା । ହ୍ରଦ ଆଖପାଖରେ ଅନେକ ଐତିହାସିକ ମନ୍ଦିର ରହିଛି । ଚତୁର୍ଦ୍ଦଶ ଶତାବ୍ଦୀରେ ଏଗୁଡ଼ିକ ନିର୍ମାଣ କରାଯାଇଥିଲା । ଏଠାରେ ଭୃଗୁ ଋଷିଙ୍କ ମନ୍ଦିର ମଧ୍ୟ ଦର୍ଶନ କରିପାରିବେ । ୧୫୦୦ ବର୍ଷ ପୁରୁଣା ଦୁର୍ଗ ଛେହନୀ କୋଟି କାଠ ବିମ ଏବଂ ପଥର ସ୍ଲବରେ ତିଆରି । କୁଲ୍ଲୁର ରାଜା ରାଣୀ ଧାଧ୍ୟୟା ଏହି ମହଲରେ ରହୁଥିଲେ । ୧୯୦୫ ରେ ଆସିଥିବା ଭୂକମ୍ପ ଯୋଗୁ ଏହାର ଉପର ପାଞ୍ଚ ମହଲା ଭାଙ୍ଗିରୁଜି ଚୁରମାର ହୋଇଯାଇଛି । ତଥାପି ଦୁର୍ଗ ନିଜର ଆକର୍ଷଣ ହରାଇନାହିଁ । ହିମାଳୟ କ୍ଷେତଦ୍ରରେ ଏହା ସବୁଠୁ ଉଚ୍ଚ ସଂରଚନା ।

କେମିତି ଯିବେ

ଦିଲ୍ଲୀ ଭଳି ସହର ସହ ତୀର୍ଥନ୍ ଘାଟି ସଡ଼କମାର୍ଗରେ ସହଜରେ ସଂଯୁକ୍ତ । ଏଠାରେ ପହଞ୍ଚିବା ପରେ ବସ୍ କିମ୍ବା ଟ୍ରେନରେ ଯାଇପାରିବେ । ଏହାଛଡ଼ା ଭୁନ୍ତାର ବିମାନବନ୍ଦର ତୀର୍ଥାନ୍ ଘାଟିଠୁ ଖୁବ ନିକଟ । ଚାର୍ଟର ଏୟାରଲାଇନ୍ସ ଦ୍ୱାରା ଦିଲ୍ଲୀରୁ ହେଲିକ୍ପ୍ଟର ସୁବିଧା ମଧ୍ୟ ଦିଆଯାଇଛି । ଆଖପାଖ ସ୍ଥାନ ଭ୍ରମଣ ପାଇଁ ଚଣ୍ଡୀଗଢ଼ରୁ ବିମାନରେ ଯାଇପାରିବେ । ତୀର୍ଥନ ଘାଟିରୁ ଅମ୍ବାଲା ଏବଂ କିରତପୁର ରେଳଷ୍ଟେଦନ ଅତି ନିକଟ ।

ବିପଜ୍ଜନକ ମାରାଥନ

ମାରାଥନ୍ ଅଫ୍ ଦି ସ୍ୟାଣ୍ଡସ୍ । ରୁକ୍ଷଶୁଷ୍କ ସାହାରା ମରୁଭୂମି, ମୁଣ୍ଡଫଟା ଖରା ମଝିରେ ଦୌଡ଼ । ମରକ୍କୋର ସାହାରା ମରୁଭୂମିରେ ଏଇ ରେସର ଭାବନା ପ୍ରଥମେ ୧୯୮୬ ମସିହାରେ ଫ୍ରାନ୍ସର ପ୍ୟାଟ୍ରିକ୍ ବାଉଚର ନାମକ ଜଣେ ବ୍ୟକ୍ତିଙ୍କ ମୁଣ୍ଡକୁ ଆସିଥିଲା । ସେ ଏହି ମରୁଭୂମିରେ ୧୨ଦିନ ଧରି ଧୌଡ଼ିଥିଲେ ପ୍ରାୟ ୩୫୦ କିଲୋମିଟର । ପରେ ସେ ଚିନ୍ତା କଲେ ଏହାକୁ ମାରାଥନର ରୂପ ଦେବା ପାଇଁ । ପ୍ରାଥମିକ ପର୍ଯ୍ୟାୟରେ ୨୩ ଜଣ ଆଥଲେଟ୍ ଏହି ରେସରେ ଅଂଶଗ୍ରହଣ କରିଥିଲେ । ପ୍ରତି ବର୍ଷ ୩୦ଟି ଦେଶର ପ୍ରାୟ ୮୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରନ୍ତି ଏହି ରେସରେ ଯେଉଁଥିରେ ପ୍ରାୟ ୨୫୧ କିମି ପଥ ଅତିକ୍ରମ କରିବାକୁ ହୋଇଥାଏ । ଏହି ରେସର ଭୟାବହତା ନେଇ ତିଆରି ହୋଇଛି ସିନେମା । ଏଇ ମାରାଥନରେ ରହିଛି ଛଅଟି ପର୍ଯ୍ୟାୟ । ମାରାତ୍ମକ ଖରା ଏବଂ ବାଲି ମଝିରେ ଅଂଶଗ୍ରହଣକାରୀ ମାନଙ୍କୁ ନିଜ ନିଜର ପ୍ରୟୋଜନୀୟ ସାମଗ୍ରୀ ନିଜକୁ ହିଁ ରଖିବାକୁ ହେବ । ସାଙ୍ଗରେ ଅତି କମରେ ୧୪ ହଜାର କ୍ୟାଲୋରୀ ଖାଦ୍ୟ ନେବାକୁ ହୋଇଥାଏ । ନିଜ ପୋଷାକ, ଷ୍ଟୋଭ, ସ୍ଲିପିଙ୍ଗ ବ୍ୟାଗ ଓ ସରଭାଇଭାଲ କିଟ୍ ସାଙ୍ଗରେ ରଖିବାକୁ ପଡ଼ିଥାଏ । ସଂସ୍ଥା ତରଫରୁ ମାତ୍ର ୧୦ରୁ ୧୨ ଲିଟର ପାଣି ଦିଆଯାଇଥାଏ ଅଂଶଗ୍ରହଣକାରୀମାନଙ୍କୁ । ପ୍ରତି ବର୍ଷ ବଦଳିଯାଇଥାଏ ।

ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନରେ ପାପ ମୋଚନ

ପରସ୍ପର ପ୍ରତି ଶ୍ରଦ୍ଧା ରଖି ଦେବାଧିଦେବ ମହାଦେବଙ୍କୁ ବିଶ୍ୱାସ କରି, ହୃଦୟରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ନାମକୁ ସ୍ମରଣ ପୂର୍ବକ ସତ୍ୟ, ଶାନ୍ତି, ଧର୍ମ, ପ୍ରେମ, ନ୍ୟାୟ ମାର୍ଗରେ କାର୍ଯ୍ୟ କଲେ ସର୍ବଦା ଆନନ୍ଦ ମିଳେ । କାରଣ 'ଭବାନୀ ଶଙ୍କରୌ ବନ୍ଦେ ଶ୍ରଦ୍ଧା ବି୍ବାସ ରୂପିଣୌ' । ମାତା ପାର୍ବତୀ ହେଲେ ଶ୍ରଦ୍ଧାର ପ୍ରତୀକ ଏବଂ ଦେବାଧିଦେବ ମହାଦେବ ହେଲେ ବିଶ୍ୱାସର ପ୍ରତୀକ ।

◆ସେ ହୁଏ ପରମ ସୁଖୀ, ଯିଏ ସର୍ବଦା ମହାଦେବଙ୍କ ନାମକୁ ସ୍ମରଣ କରେ । ଯେଉଁ ଘରେ ସର୍ବଦା ମହାଦେବଙ୍କ ପୂଜାର୍ଚ୍ଚନା କରାଯାଏ, ସେ ଘରେ ସମସ୍ତଙ୍କର ମଙ୍ଗଳ ହୁଏ ।

◆ଯାହାର ଜୀବନ ପ୍ରତି ମୁହୂର୍ତ୍ତରେ ମହାଦେବଙ୍କ ନାମ ଜପ ବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ନାମ ଜପରେ କଟିଥାଏ ସେ ହିଁ ଧନ୍ୟ, ଦେହାନ୍ତେ ସେ କୈଳାସପୁରରେ ସ୍ଥାନ ପାଏ । ଯିଏ ଭକ୍ତିର ସହିତ ଦେବାଧିଦେବ ମହାଦେବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ନାମକୁ ସ୍ମରଣ କରେ, ଭଗବାନ ମହାଦେବ ତା ପ୍ରତି କୃପା କରନ୍ତି । ଫଳରେ ତାର ସମସ୍ତ କାମନା ପୂର୍ଣ୍ଣ ହୁଏ । କାରଣ ଭଗବାନଙ୍କ ସବୁ ଶକ୍ତି ମଧ୍ୟରେ କୃପାଶକ୍ତି ପ୍ରଧାନ ଅଟେ । ଯେଉଁଠାରେ ତାଙ୍କର କୃପାଶକ୍ତି ଚରିତାର୍ଥ ହୁଏ, ସେଠାରେ ତାଙ୍କ ଅନ୍ୟ ସବୁ ଶକ୍ତି କୃପା ଶକ୍ତିର ଅନୁଗତ ହୋଇ କାର୍ଯ୍ୟ କରନ୍ତି ।

◆ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ପରେ ମନୁଷ୍ୟକୁ ପ୍ରକୃତ ଜ୍ଞାନ ପ୍ରାପ୍ତ ହୋଇଥାଏ । ଯେପରି ଗୋମାତା ସେବା ସମାନ କୌଣସି ସେବା ନାହିଁ, ଗଙ୍ଗା ସମାନ କୌଣସି ପବିତ୍ର ନାହିଁ, ଗାୟତ୍ରୀ ସମାନ କୌଣସି ମନ୍ତ୍ର ନାହିଁ, ଈଶ୍ୱର ସମାନ କୌଣସି ଦେବତା ନାହିଁ, ପାର୍ବତୀ ସମାନ କୌଣସି ଦେବୀ ନାହିଁ, ସେହିପରି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସମାନ କୌଣସି କ୍ଷେତ୍ର ନାହିଁ ।

◆ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ବା ସ୍ତୋତ୍ର ଜପକଲେ ଆୟୁ, ବଳ, ବୀର୍ଯ୍ୟ, ବୁଦ୍ଧି ଓ ଚେତନାର ପରିପ୍ରକାଶ ହୁଏ ।

◆ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ପ୍ରଦକ୍ଷିଣ କଲେ ମନୁଷ୍ୟ ମୃତ୍ୟୁପରେ ଶିବଲୋକରେ ସ୍ଥାନ ପାଏ । ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କଥା ଶ୍ରବଣ କଲେ ସମସ୍ତ ପାପ ମୋଚନ ହୁଏ ।

◆ ମହାଦେବ ମାତା ପାର୍ବତୀଙ୍କ ସହିତ ଜ୍ୟୋତିର୍ଲିଙ୍ଗ ମଧ୍ୟରେ ବିରାଜମାନ କରିଥାନ୍ତି । ଉକ୍ତ ଜ୍ୟୋତିର୍ଲିଙ୍ଗ ଯିଏ ଦର୍ଶନ କରେ, ସେ ସାକ୍ଷାତ ମହାଦେବ ଓ ପାର୍ବତୀଙ୍କ ଦର୍ଶନର ଫଳପାଏ ।

◆ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗକୁ ଯିଏ ଦର୍ଶନ କରେ ସେ ମହାନ ଓ ପବିତ୍ର । ଏଣୁ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କ୍ଷେତ୍ର ସବୁଠାରୁ ଉତ୍ତମ ଓ ପବିତ୍ର କ୍ଷେତ୍ର ।

◆ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ କଲେ ଅନ୍ୟ କୌଣସି କ୍ଷେତ୍ର ଭ୍ରମଣରେ ଆବଶ୍ୟକତା ନାହିଁ । କାରଣ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ ଫଳ ସର୍ବ ତୀର୍ଥକ୍ଷେତ୍ର ଦର୍ଶନର ଫଳଠାରୁ ଅଧିକ ।

ଜିଭରେ ଉଠୁଛି ରୁମ୍ବା

ବିଶ୍ୱରେ ଏପରି କିଛି ଲୋକ ଅଛନ୍ତି ଯେଉଁମାନଙ୍କ ସହ ସବୁବେଳେ କିଛି ନା କିଛି ଖରାପ ହୋଇଥାଏ । ଗୋଟିଏ ଅସୁବିଧାରୁ ମୁକୁଳିବା ପାଇଁ ଯାଉଥିଲାବେଳେ ମାଡ଼ିବସିଥାଏ ଆଉ ଗୋଟେ ସମସ୍ୟା । ଏଭଳି ଏକ ଘଟଣା ଇଂଲଣ୍ଡର ଅକ୍ସଫୋର୍ଡରେ ରହୁଥିବା ୩୪ ବର୍ଷୀୟ ମେଲବିନ୍ ମେନସେଲଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି । ମେଲବିନଙ୍କ ଉପରେ ସେତେବେଳେ ଦୁଃଖର ପାହାଡ଼ ଖସିପଡ଼ିଲା ଯେତେବେଳେ ଜଣାପଡ଼ିଲାଯେ, ତାଙ୍କ ଜିଭରେ କ୍ୟାନସର ହୋଇଛି । ଭାଗ୍ୟବଳ ଜୋର ଥିବାରୁ ଏହି କ୍ୟାନସରଟି ପ୍ରାଥମିକ ଷ୍ଟେଜରେ ଥିଲା । ପରେ ଡାକ୍ତରମାନେ ଜିଭରେ ଥିବା ଟ୍ୟୁମରକୁ କାଢ଼ିଦେଇଥିଲେ । ହେଲେ ଜିଭର ଆକାର ଅଧା ହେବାରୁ ମେଲବିନଙ୍କ ହାତର ମାଂସକୁ ସେଠାରେ ଲାଇଥିଲେ । ସର୍ଜରୀ ପରେ ଜିଭ ତିଆରି ହୋଇଥିଲା । ମାତ୍ର କିଛିଦିନ ପରେ ମେଲବିନଙ୍କ ସମସ୍ୟା ଆହୁରି ବଢ଼ିଲା । ତାଙ୍କୁ ପ୍ରତି ସମୟରେ ଅନୁଭବ ହେଉଥିଲା ଯେ, ଜିଭରେ କିଛି ଘଟୁଛି । ରାତି ତମାମ ସେ ଷାଶଇପାରୁନାହାଁନ୍ତି । ଯେହେତୁ ହାତର ମାଂସ ଜିଭରେ ଲାଗିଥିଲା ସେହି କାରଣରୁ ଜିଭରେ ସୃଷ୍ଟି ହେଉଛି ରୁମ । ଏହା ବଡ଼ ଅସୁବିଧା ସୃଷ୍ଟି କରିଛି ମେଲବିନଙ୍କ ପାଇଁ । ଡାକ୍ତରଙ୍କ ପରାମର୍ଶ ପରେ ଏବେଜିଭରେ ଲେଜର ଟିଟ୍‌ମେଣ୍ଟ କରାଯିବ ।

କଳା-ଗୋରା ପଛର କାରଣ

ମଣିଷ ଶରୀର ଗଠନ ପ୍ରାୟତଃ ଏକ ପ୍ରକାରର । ତେବେ ବିଭିନ୍ନ ଦେଶ, ଅଞ୍ଚଳରେ ଲୋକଙ୍କ ରଙ୍ଗରେ ପ୍ରଭେଦ ଦେଖାଦେଇଥାଏ । କିଏ ଗୋରା ତ କିଏ କାଳିଆ ଆଉ କିଏ ସାବନା । ଆଜି ଆମେ ଏହା ପଛରେ ଥିବା କାରଣ ସମ୍ପର୍କରେ ଅବଗତ କରାଇବାକୁ ଯାଉଛୁ ।

ମଣିଷର ତ୍ୱଚାରେ ଏକ ରଙ୍ଗୀନ ପଦାର୍ଥ ମହଜୁଦ ଥାଏ । ଏହି ରଙ୍ଗୀନ ପନଦାର୍ଥକୁ ପିଗମେଣ୍ଟ କୁହାଯାଏ । ଯେତେବେଳେ ସୂର୍ଯ୍ୟଙ୍କ ଅଲଟ୍ରା ଭାଓଲେଟ୍‌ରେ ଆମ ଶରୀର ଉପରେ ପଡ଼ିଥାଏ । ସେତେବେଳେ ଶରୀରରେ କଳାରଙ୍ଗ ଅଧିକ ଗଠନ ହୋଇଥାଏ । ଏହି ପ୍ରକ୍ରିୟାକୁ ମେଲାନିନ୍ କୁହାଯାଏ । ମେଲାନିନ୍ ମାତ୍ରା ଅଧିକ ହେବା ଦ୍ୱାରା ତ୍ୱଚାର ରଙ୍ଗ କଳା କିମ୍ବା ସାବନା ହୋଇଥାଏ । ଯେଉଁ ଲୋକମାନେ ଥଣ୍ଡା ସ୍ଥାନରେ ରହିଥାନ୍ତି ସେମାନଙ୍କ ଦେହରେ ସୂର୍ଯ୍ୟ ରଶ୍ମୀ କମମାତ୍ରାରେ ପୁଥିବାରୁ ମେଲାନିନ୍ ପ୍ରକ୍ରିୟା କମ ହୋଇଥାଏ । ଫଳରେ ଶରୀରର ତ୍ୱଚା ଗୋରା ହୋଇଥାଏ । ଉଦାହରଣ ସ୍ୱରୂପ ଆଫ୍ରିକାରେ

ତାପମାତ୍ରା ଅଧିକ ରହିଥାଏ । ଏହି କାରଣରୁ ଏଠାକାର ଲୋକଙ୍କ ରଙ୍ଗ କଳା ହୋଇଥାଏ । ଭାରତରେ ଅନେକ ରାଜ୍ୟରେ ଗରମମାତ୍ରା ଅଧିକ ଥିବାରୁ ଲୋକଙ୍କ ରଙ୍ଗ କଳା ହୋଇଥାଏ । ପାଣିପାଗ ତଥା ଜଳବାୟୁ ପରିବର୍ତ୍ତନ ଶରୀରର ରଙ୍ଗ ଉପରେ ପ୍ରଭାବ ପକାଇଥାଏ କେରଳ, କର୍ଣ୍ଣାଟକରେ ଲୋକେ ଅଧିକାଂଶ କଳା ହୋଇଥିବା ବେଳେ କାଶ୍ମୀରରେ ଗୋରା ଲୋକଙ୍କ ସଂଖ୍ୟା ଅଧିକ । ତେବେ ଶରୀରର ରଙ୍ଗରେ ପାର୍ଥକ୍ୟ ଥିଲେ ମଧ୍ୟ ମାନବତାର କୌଣସି ରଙ୍ଗ ନାହିଁ । ହେଲେ ଆଜି ବି ଅନେକ ଦେଶରେ କଳାରଙ୍ଗର ଲୋକଙ୍କୁ ଭିନ୍ନ ଦୃଷ୍ଟିରେ ଦେଖାଯାଇଥାଏ । ଯାହା ଆଦୌ ଗ୍ରହଣୀୟ ନୁହେଁ ।

ଆଇସକ୍ରିମର ଦାମ ୭୦ହଜାର ଟଙ୍କା

ଏକ ସ୍ମୁଥ୍ ହଟ୍ ଚକୋଲେଟ୍ ଆଇସକ୍ରିମର ଦାମ୍ କେତେ ହୋଇପାରେ ? ଅତି ବେଶିରେ ୫୦୦ କି ହଜାର ଟଙ୍କା । ଏତେ ବି ହୋଇ ନପାରେ । କିନ୍ତୁ ଏକ ସ୍ମୁଥ୍ ଆଇସକ୍ରିମର ଦାମ ୭୦ ହଜାର ଟଙ୍କା ହୋଇଥିବ ବୋଲି ବିଶ୍ୱାସ ହେଉଛି କି ? ନ୍ୟୁୟର୍କର ସେରେଣ୍ଡିପିଟି ନାମକ ଏକ ସଂସ୍ଥା ପ୍ରସ୍ତୁତ କରିଥିବା 'ଗୋଲ୍ଡେନ ଆପ୍ରୁଲାନ୍ସ ସନ୍ଡିଡ' ଆଇସକ୍ରିମର ଦାମ ପ୍ରାୟ ୭୦ ହଜାର ଟଙ୍କା । କିନ୍ତୁ କାହିଁକି ଏତେ ଦାମ ? ଖାଇବାକୁ ଚାହିଁଲେ ଅର୍ଡର ଦେଇ ଖାଇବାକୁ ହେବ ଅନ୍ତତଃ ଦୁଇ ଦିନ ଆଗରୁ । ତିନି ସ୍ମୁପର ଏହି ଚାହିତିଆନ୍ ଭାନିଲା ଆଇସକ୍ରିମର ବିଶେଷତ୍ୱ ଭିନ୍ନ । ଏଇ ଆଇସକ୍ରିମରେ ଥାଏ ଆଲମଣ୍ଡ କାଭିୟାର, ସୁଗାର ଫୋର୍ଡ ଅର୍କିଡ । ଏଇ ସୁଗାର ଫୋର୍ଡ ଅର୍କିଡ ତିଆରି କରିବାକୁ ଲାଗେ ଆଠ ଘଣ୍ଟା ତେବେ ଏହାର ବିଶେଷତ୍ୱ ଅନ୍ୟତ୍ର । ଏହି ଆଇସକ୍ରିମ ୨୩ କ୍ୟାରେଟ୍ ସୁନାର ଫଏଲ ଦେଇ ମୋଡ଼ା ହୋଇଥାଏ । ଆଇସକ୍ରିମଟି ପରିବେଷଣ କରାଯାଏ ଏକ କ୍ରିଷ୍ଟାଏ ଗବଲେଟ୍ ମଝିରେ ଯାହା ବି ୨୨ କ୍ୟାରେଟ୍ ସୁନା ଫଏଲରେ ଆଚ୍ଛାଦିତ । ପାଖରେ ଥାଏ ୧୮ କ୍ୟାରେଟ୍ ସୁନାର ଏକ ଚାମଚ । ଏହି ଆଇସକ୍ରିମ ପ୍ରସ୍ତୁତ କରିବା ପାଇଁ ସାମଗ୍ରୀ ସବୁ କେଉଁଠୁ ଆସେ ଜାଣନ୍ତି ? ଇଟାଲିର ତାସ୍କାନିରୁ ଆସେ ଚକୋଲେଟ୍, ଭାନିଲା ବିନ୍ ଆସେ ମାଡାଗାସ୍କରରୁ ।



ଆଉ ଆଇସକ୍ରିମ୍ ଉପରେ ଯେଉଁ ଆସ୍ତରଣ ଦିଆଯାଏ ତାହା ଆସେ ପ୍ୟାରିସରୁ । ଏହି ଆଇସକ୍ରିମଟି 'କୋନ୍' ଭାବରେ ମଧ୍ୟ ଆଜିକାଲି ଲଣ୍ଡନରେ ଉପଲବ୍ଧ ହେଉଛି । ସେଇ କୋନ୍ ଆଇସକ୍ରିମରେ ରହିଛି ଅନ୍ୟ ଏକ ବିଶେଷତ୍ୱ । ଏହି କୋନରେ ଏଡିବଲ ଡାଇମଣ୍ଡ ମିଶା ଯାଇଥାଏ । ଅର୍ଥାତ୍ ଆଇସକ୍ରିମରେ ମିଶିଥାଏ ହୀରା ଭସ୍ମ । ଏକ ଛୋଟ କୋନର ଦାମ ୧୨୭ ଡଲାର ଯାହା ଭାରତୀୟ ମୁଦ୍ରାରେ ପ୍ରାୟ ୮,୭୪୦ଟଙ୍କା ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୨୬ ମାର୍ଚ୍ଚ ୨୦୨୨, ଶନିବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଏମିତି କେତେ ସମୟ...

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଇତିମଧ୍ୟରେ ଏକ ମାସ ପୂର୍ଣ୍ଣ ହୋଇଛି । କିନ୍ତୁ ଯୁଦ୍ଧ ବନ୍ଦ୍ ହେବାକୁ ଏଯାବତ୍ ହୋଇଥିବା କୌଣସି ପ୍ରୟାସି ସାକାର ହୋଇପାରିନାହିଁ । କିନ୍ତୁ ଏହି ଯୁଦ୍ଧକୁ ନେଇ ଏବେସୁଦ୍ଧା ସମସ୍ତଙ୍କ ମନରେ ଅନେକ ପ୍ରଶ୍ନ ଅସମାହିତ ରହିଛି । ସେ ପ୍ରଶ୍ନର ଉତ୍ତର । ୟୁକ୍ରେନ୍ ପାଖରେ ନାହିଁ କି ରୁଷିଆ ନିକଟରେ ନାହିଁ । କିନ୍ତୁ ଏ ଯୁଦ୍ଧ କେବଳ ୟୁକ୍ରେନ କିମ୍ୱା ରୁଷିଆ ଅଥବା ୟୁରୋପକୁ ନୁହେଁ, ସମଗ୍ର ବିଶ୍ୱକୁ ଆକ୍ରାନ୍ତ କରିଚାଲିଛି । ସମସାମୟିକ କାଳରେ ଦୀର୍ଘ ଏକ ମାସ ଧରି ଗୋଟିଏ ଯୁଦ୍ଧ ଚାଲିବା ଆର୍ଥିକ ଦୃଷ୍ଟିରୁ ଯେତିକି ବ୍ୟୟସାପେକ୍ଷ, ମାନବୀୟ ଦୃଷ୍ଟିକୋଣରୁ ତାହାର ପ୍ରଭାବ ସେତିକି ବ୍ୟାପକ ବୋଲି ଯେକେହି ସଜହରେ ଅନୁମାନ କରିପାରିବ । ଅତୀତର ଯେକୌଣସି ଯୁଦ୍ଧକୁ ଏହାର ଉଦାହରଣ ଭାବେ ଗ୍ରହଣ କରାଯାଇପାରେ । କିନ୍ତୁ ଗତ ଫେବ୍ରୁଆରୀ ୨୪ ତାରିଖ ଦିନ ପ୍ରତ୍ୟୁଷରୁ ରୁଷିଆ ଯେତେବେଳେ ୟୁକ୍ରେନ୍ ଉପରେ ପ୍ରଥମେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆରମ୍ଭ କଲା, ସେତେବେଳେ ରୁଷ ରାଷ୍ଟ୍ରପତି କ୍ଲାଦିମିର ପୁଟିନ୍ ଟେଲିଭିଜନ ଯୋଗେ ରୁଷବାସୀଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ୟୁକ୍ରେନର ସାମରିକ ଔଦ୍ଧତ୍ୟକୁ ହ୍ରାସ କରିବା ଏବଂ ଏହାର ନାଜୀକରଣ ମନୋଭାବକୁ ନିୟନ୍ତ୍ରଣ କରିବା ଏହି କାର୍ଯ୍ୟାନୁଷ୍ଠାନର ଉଦ୍ଦେଶ୍ୟ । କାରଣ ତାହା ରୁଷିଆ ପ୍ରତି ବିପଦ ସୃଷ୍ଟି କରୁଛି । ରୁଷିଆର ଆକ୍ରମଣରେ କେବଳ ସାଧାରଣ ୟୁକ୍ରେନ୍‌ବାସୀ ନୁହଁନ୍ତି, ସେ ଦେଶର ସରକାର ମଧ୍ୟ ହତଚକିତ ହୋଇଯାଇଥିଲେ । ଇତିମଧ୍ୟରେ ଦୀର୍ଘ ଏକ ମାସର ଯୁଦ୍ଧ ପରେ ଉଭୟ ରାଷ୍ଟ୍ର କ୍ରାନ୍ତ ହୋଇପଡ଼ିଥିବା ପରି ମନେହୁଏ । ହଜାର ହଜାର କୋଟି ଟଙ୍କାର ଯୁଦ୍ଧାସ୍ତ୍ର ପୋଡ଼ି ପାଉଁଶ ହୋଇଛି ଏବଂ ଲକ୍ଷ ଲକ୍ଷ ଉଦ୍‌ବାସ୍ତୁ ହୋଇ ସ୍ଥାନାନ୍ତରିତ ହୋଇଛନ୍ତି । ୟୁକ୍ରେନ୍‌ର କେଇ ଡଜନ ସହର ଏବେ ଧ୍ୱଂସସ୍ତୁପରେ ପରିଣତ ହୋଇଛି । ଉଭୟ ପକ୍ଷ ପ୍ରତିପକ୍ଷଙ୍କ ବ୍ୟାପକ କ୍ଷୟକ୍ଷତିର ଲମ୍ୱା ତାଲିକା ଦେଉଛନ୍ତି । ସେଥିରୁ କେତେ ସତ, କେତେ ମିଛି ତାହା ଜାଣିବା ମୁସ୍କିଲ । କିନ୍ତୁ ଏହା ସତ ଯେକେହି ମୋର୍ଚ୍ଚା ଛାଡ଼ିବାକୁ ନାରାଜ । ରୁଷିଆ ନିଜର ବିବିଧ ମାରଣାସ୍ତ୍ରକୁ ପ୍ରୟୋଗ କରିଚାଲିଥିବା ବେଳେ ୟୁକ୍ରେନ୍ ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର ନାଟୋ ସଦସ୍ୟଭୁକ୍ତ ରାଷ୍ଟ୍ରଙ୍କ ଠାରୁ ସାହାଯ୍ୟ ଭାବେ ମିଳିଛି । ତେଣୁ ଏହି ଯୁଦ୍ଧକୁ ରୁଷିଆ ଏବଂ ନାଟୋ ମେଣ୍ଟ ଭିତରେ ଏକ ପରୋକ୍ଷ ପ୍ରତିଯୋଗିତା ବୋଲି କୁହାଯାଇପାରେ । ଗତ ଶତାବ୍ଦୀର ଅଶି ଦଶକ ପର୍ଯ୍ୟନ୍ତ ଲାଗିଥିବା ଶୀତଳ ଯୁଦ୍ଧର ଏହା ନବୀକୃତ ସଂସ୍କରଣ ବୋଲି ମଧ୍ୟ କେହି କେହି କହନ୍ତି । ତେଣୁ ଯୁଦ୍ଧ ବନ୍ଦ ପାଇଁ ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନାରୁ କୌଣସି ସୁଫଳ ମିଳିପାରୁ ନାହିଁ । କେବଳ ଶାନ୍ତି ଖୋଜିଲେ ମିଳେନାହିଁ, ଏଥିପାଇଁ ମାନସିକତା ଲୋଡ଼ା । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଡୋମିର୍ ଜେଲେସ୍କି ଦେଶର ଏଭଳି ଦୁଃସମୟରେ ନାଟୋ ମେଣ୍ଟ, ୟୁରୋପୀୟ ସଂଘ ଏବଂ ବିଶ୍ୱ ସମୁଦାୟକୁ ବାରମ୍ବାର ନିବେଦନ କରିଚାଲିଛନ୍ତି ଯେ ତୁରନ୍ତ ଯୁଦ୍ଧ ବନ୍ଦ ନିମନ୍ତେ ସେମାନେ ରୁଷିଆ ଉପରେ ସମୂହ ଚାପ ପକାନ୍ତୁ । ଏହି ଯୁଦ୍ଧ କେବଳ ୟୁକ୍ରେନ୍ କିମ୍ୱା ରୁଷିଆ ପାଇଁ ନୁହେଁ, ସମଗ୍ର ବିଶ୍ୱ ନିମନ୍ତେ ଆର୍ଥିକ ସଙ୍କଟ ସୃଷ୍ଟି କରିବ । ମାନବୀୟ ସମସ୍ୟା ଉତ୍ପନ୍ନ କରିବ। ଜେଲେସ୍କିଙ୍କର ଏହି କଥା ଅବଶ୍ୟ ଯଥାର୍ଥ । କିନ୍ତୁ ରୁଷିଆ ରାଷ୍ଟ୍ରପତି ପୁଟିନ ଏବେ ଯେଉଁଭଳି ରକ୍ତମୁଖା ହୋଇଛନ୍ତି ତାଙ୍କୁ ବୁଝାଇବ କିଏ ? ସେ ଯେଉଁ ଅଭିଯୋଗ ଆଣୁଛନ୍ତି ତାହାର ସମାଧାନ କରିବ କିଏ ? ମାତ୍ର ତିନି ଦଶନ୍ଧି ପୂର୍ବରୁ ସୋଭିଏତ ସଂଘ ଭାବେ ଏକତ୍ରିତ ଥିବା ଏହି ପ୍ରଜାତନ୍ତ୍ରମାନେ ଏବେ ପରସ୍ପର ମଧ୍ୟରେ ଏତେ ବୈରଭାବରେ ଲିପ୍ତ ଯେ, ସେମାନଙ୍କ ଶତ୍ରୁତା ତୃତୀୟ ବିଶ୍ୱଯୁଦ୍ଧ ସୃଷ୍ଟି କରିପାରେ ବୋଲି ସଭିଏଁ ଆଶଙ୍କା କରନ୍ତି । ସଭ୍ୟତା ଆରମ୍ଭରୁ ଯୁଦ୍ଧ ଏକ ମାନବୀୟ ଔଦ୍ଧତ୍ୟ ଭାବେ ପରିଚିତ ହୋଇଆସିଛି । ଗତ ଶତାବ୍ଦୀରେ ସଂଘଟିତ ଦୁଇ ଦୁଇଟି ବିଶ୍ୱଯୁଦ୍ଧର ଭୟାବହତାରୁ ମଣିଷ କିଛି ଶିକ୍ଷାଲାଭ କରିଥିବା ପରି ମନେ ହୁଏନାହିଁ । ପୁଣି ଯୁଦ୍ଧକୁ ଏଡ଼ାଇ ଏକ ଶାନ୍ତି ଓ ସୌହାର୍ଦ୍ଦିର ବାତାବରଣ ସୃଷ୍ଟି କରିବା ସକାଶେ ଅତୀତରେ ଯେଉଁସବୁ ବ୍ୟବସ୍ଥା ଅଥବା ସାଧନ ସୃଷ୍ଟି କରାଯାଇଥିଲା ତାହା କାଳକ୍ରମେ ଅକାମୀ ହୋଇ ପଡ଼ିଥିବା ପରି ଲାଗେ । ତେଣୁ ୟୁକ୍ରେନ୍-ରୁଷିଆ ଯୁଦ୍ଧ ହେଉ ଅବା ସେହିଭଳି ଅନ୍ୟ କୌଣସି ପରିସ୍ଥିତି ଏହାକୁ ଏଡ଼ାଇବା ପାଇଁ ଏବେ ବିଶ୍ୱ ଆଉ ଏକ ନୂତନ ବ୍ୟବସ୍ଥାର ଅପେକ୍ଷା ରଖେ । ଅନ୍ୟଥା ଆମକୁ ସମୟାନ୍ତରେ ଏହିଭଳି ଅନେକ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡ଼ିପାରେ ।

ଜେଏମ୍‌ବି ଟାର୍ଗେଟରେ ଓଡିଶା

ସୌମେନ୍ଦ୍ର ଜେନା

ଗତ କିଛିବର୍ଷ ହେବ ଦେଶୀ ସନ୍ତ୍ରାସବାଦୀ ଗୋଷ୍ଠୀ ଉପରେ ପୁଲିସ ଓ ଗୋଇନ୍ଦା ନଜର ରହୁଥିବା ହେତୁ ସିମିପରି କେତେକ ସଂଗଠନ କିଛି ମାତ୍ରାରେ ଦୁର୍ବଳ ହୋଇଥିଲେ ମଧ୍ୟ ଏହି ସମୟରେ ବିଦେଶୀ ସନ୍ତ୍ରାସବାଦୀ ଗୋଷ୍ଠୀ ନିଜର ସଂଗଠନର ନେଟୱାର୍କ ଭାରତର ଭିନ୍ନ ଭିନ୍ନ ରାଜ୍ୟରେ ବୃଦ୍ଧି କରିବା ଲକ୍ଷ୍ୟରେ କାର୍ଯ୍ୟ କରୁଛନ୍ତି । ଜାମ୍ମୁ-କାଶ୍ମୀର, ପଞ୍ଜାବ,ଦିଲ୍ଲୀ, ହରିୟାଣା, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ ପରି ରାଜ୍ୟରେ ପାକ୍ ଆଧାରିତ ଗୋଷ୍ଠୀଗୁଡିକ ସକ୍ରୀୟ ଥିଲା ବେଳେ ଉତ୍ତର ପୂର୍ବ ରାଜ୍ୟ ପଶ୍ଚିମବଙ୍ଗ, ଓଡିଶା ସମେତ ମଧ୍ୟ ଭାରତ ଏବଂ ଦକ୍ଷିଣ ଭାରତରେ ବଙ୍ଗଳାଦେଶର ସନ୍ତ୍ରାସବାଦୀ ଗୋଷ୍ଠୀ ଜମାତେ ମୁଜାହିଦ୍ଦୀନ-ବଙ୍ଗଳାଦେଶ (ଜେଏମ୍‌ବି)ର ସନ୍ତ୍ରାସୀ ଏବେ ସକ୍ରୀୟ ହୋଇପଡିଛନ୍ତି । ନିକଟରେ ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରେ ଏହି ଗୋଷ୍ଠୀର ସ୍ଲିପର ସେଲ କାର୍ଯ୍ୟକରୁଥିବା ସୂଚନା ପାଇବା ପରେ ସନ୍ତ୍ରାସ ବିରୋଧୀ ବାହିନୀ (ଏଟିଏସ୍)ର ପୁଲିସ ଚଢାଉ କରିଥିଲେ । ଏହି ଚଢାଉ ବେଳେ ଭୋପାଳରୁ ଗଂଜହର ଅଲି (୩୨) ଓରଫ ମେହମୁଦ, ମହମ୍ମଦ ଅକିଲ (୨୪), ଜହୁରୁଦ୍ଦୀନ (୨୮) ଓ ଫଜହର ଜୈନୁଲ ଆବଦୀନକୁ ଧରିଥିଲେ । ଏମାନେ ଦୁଇବର୍ଷ ପୂର୍ବେ ବଙ୍ଗଳାଦେଶରୁ ଆସି ଭାରତରେ ସକ୍ରୀୟ ରହିଥିଲେ । ଗତବର୍ଷ ଜୁଲାଇ ୨୦୨୧ରେ କୋଲକାତାରୁ ଏନ୍‌ଆଇଏ ପକ୍ଷରୁ ଚଢାଉ କରାଯାଇ ଏହି ସଂଗଠନର ପାଞ୍ଚଜଣଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ସୂଚନା କ୍ରମେ ସାରାଦେଶରେ ଏହି ସଂଗଠନର କାର୍ଯ୍ୟ ଜାରି ରହିଥିବା ବିଷୟ ଜଣାପଡିଥିଲା । ସେମାନଙ୍କ ବିରୋଧରେ ଗତ ଜାନୁଆରୀ ମାସରେ ଚାର୍ଜସିଟ ଦାଖଲ କରାଯାଇଥିଲା । ତଦନୁଯାୟୀ ବଙ୍ଗଳାଦେଶ ମାଧ୍ୟମରେ ଭାରତକୁ ସନ୍ତ୍ରାସବାଦୀଙ୍କୁ ପଠାଇ ଅସ୍ଥିରତା ସୃଷ୍ଟି କରିବାକୁ ପାକ୍‌ର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଦୀର୍ଘଦିନ ହେବ କାର୍ଯ୍ୟ କରିଆସୁଛି । ପାକିସ୍ଥାନ ପରି ବଙ୍ଗଳାଦେଶରେ ଏହିସବୁ ମୌଳବାଦୀ ଗୋଷ୍ଠୀଙ୍କ ଦ୍ୱାରା ହିନ୍ଦୁମାନଙ୍କ ବାସଗୃହ, ଦୋକାନ, ସଂପତ୍ତି, ମନ୍ଦିର ଆଦିକୁ ନଷ୍ଟ କରିବାକୁ ବାରମ୍ବାର ଚେଷ୍ଟା କରାଯାଉଛି। ଯୋଜନାବଦ୍ଧ ଭାବେ ହିନ୍ଦୁ ମହିଳାଙ୍କ ଅପହରଣ, ଧର୍ମାନ୍ତରଣ, ମୁସଲମାନଙ୍କ ସହ ଜୋର କରି ବିବାହ କରାଇବା ପରି ଘଟଣା ଦୃଷ୍ଟିକୁ ଆସୁଛି । ଭାରତର ଆଭ୍ୟନ୍ତରୀଣ ମାମଲା, ସରକାରଙ୍କ ନିଷ୍ପତ୍ତିକୁ କେନ୍ଦ୍ରକରି ଏହି ଗୋଷ୍ଠୀ ପକ୍ଷରୁ ବିଦେଶରେ ବିରୋଧ କରାଯାଉଛି । ପାକିସ୍ଥାନ ଓ ବଙ୍ଗଳାଦେଶରେ ହେଉଥିବା ଭାରତ ବିରୋଧୀ ବିକ୍ଷୋଭ, ଦଙ୍ଗା, ହିଂସାକାଣ୍ଡ ପଛରେ ଏହିସବୁ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ହାତ ରହୁଛି ।

କେନ୍ଦ୍ର ଭାରତରେ ଭୋପାଳ ଏବେ ସନ୍ତ୍ରାସବାଦୀଙ୍କ କେନ୍ଦ୍ର ହେବାକୁ ଯାଉଛି । ଏଠାକାର ବଡ ସଂଖ୍ୟାଲଘୁ ଜନସଂଖ୍ୟା ବିଦେଶୀ ସନ୍ତ୍ରାସବାଦୀଙ୍କ ପାଇଁ ସୁବିଧାଜନକ କାର୍ଯ୍ୟକ୍ଷେତ୍ର ହୋଇଛି । ଏଠାରୁ ୨୦୧୧ରେ ଏଟିଏସ୍ ହାତରେ ହୁଜି ଗୋଷ୍ଠୀର ୨ ସନ୍ତ୍ରାସବାଦୀ ଧରାପଡିଥିଲେ । ୨୦୧୫ରେ ଜାମ୍ମୁରୁ ଭୋପାଳକୁ କର୍ମୀ ଯୋଗାଡ ପାଇଁ ଆସିଥିବା ସନ୍ତ୍ରାସବାଦୀଙ୍କୁ ପୁଲିସ ଗିରଫ କରିଥିଲା । ସେମିତି ନଭେମ୍ବର ୨୦୧୬ରେ ମଧ୍ୟପ୍ରଦେଶର ଭୋପାଳ କେନ୍ଦ୍ରୀୟ କାରାଗାରରୁ ୮ଜଣ ସିମି ଆତଙ୍କବାଦୀ ଗାର୍ଡଙ୍କ ବେକକାଟି ଫେରାର ହୋଇଯାଇଥିଲେ ମଧ୍ୟ ସହର ବାହାରେ ସମସ୍ତେ ଏନ୍‌କାଉଣ୍ଟରରେ ମରିଥିଲେ । ଏମାନଙ୍କ ମଧ୍ୟରୁ ୨ଜଣ ପୂର୍ବରୁ ୨୦୧୩ରେ ମଧ୍ୟପ୍ରଦେଶର ଖଣ୍ଡୱାରେ ଜେଲଭାଙ୍ଗି ଫେରାର ହେବାକୁ ଚେଷ୍ଟା କରିଥିଲେ । ସିମି ସହ ସଂପୃକ୍ତ ଥିବା ୮ଜଣ ସନ୍ତ୍ରାସବାଦୀ ଥିଲେ ଅମଜାଦ, ଜାକିର ହୁସେନ ସାଦିକ, ମହମ୍ମଦ ମାଲିକ, ମୁଜିବ ଶେଖ, ମେହବୁବ ଗୁଡୁ, ମହମ୍ମଦ ଖାଲିଦ, ଅହମ୍ମଦ, ଅକିଲ ଏଣ୍ଡ ମଜିଦ । ସିମିର ସନ୍ତ୍ରାସବାଦୀଙ୍କୁ ଇନ୍ଦୋର, ଉଜ୍ଜୟିନୀ ନିକଟସ୍ଥ ମହିଦପୁର ଉନହେଲ ଅଞ୍ଚଳରେ କାର୍ଯ୍ୟକରିବା ଏବଂ ଇନ୍ଦୋରର ଜଙ୍ଗଲରେ ଅସ୍ତ୍ରଶସ୍ତ୍ର ପ୍ରଶିକ୍ଷଣ ନେଉଥିବା ଜଣାପଡିଥିଲା । ମଧ୍ୟପ୍ରଦେଶରେ ସିମି ଉପରେ ତୀକ୍ଷଣ୍ ଦୃଷ୍ଟି ରଖାଯିବା ଯୋଗୁ ସେମାନଙ୍କ କାର୍ଯ୍ୟ ହ୍ରାସ ପାଇଥିବା ଲକ୍ଷ୍ୟ କରାଯାଉଛି । ହେଲେ ସେମାନଙ୍କ ସ୍ଥାନରେ ଜେଏମ୍‌ବି ମୁଣ୍ଡ ଟେକିବା ଲାଗି ପ୍ରୟାସ ଚଳାଇଛି । ଏଠାରେ ସ୍ଲିପର ସେଲ ଚଳାଇବା ପାଇଁ ସେମାନେ ଭିନ୍ନ ଭିନ୍ନ ରାଜ୍ୟରେ ସକ୍ରୀୟ ଥିବାନେଇ ପୁଲିସ ସୂଚନାରୁ ପ୍ରକାଶ । ନିକଟରେ ଗିରଫ ହୋଇଥିବା ୪ ସନ୍ତ୍ରାସୀ ମୁସଲିମ ଯୁବକମାନଙ୍କୁ ସଂଗଠନରେ ଭର୍ତ୍ତି କରିବା ଲକ୍ଷ୍ୟରେ ସ୍ଥାନୀୟ ମସଜିଦ୍ ଏବଂ ମଦ୍ରସାଗୁଡିକୁ ଯାଉଥିଲେ । ଭୋପାଳର ଐଶବାଗର ଫାତିମା ମସଜିଦ୍ ନିକଟସ୍ଥ ଏକ ଭଡାଘରେ ଦୁଇଜଣ ରହୁଥିଲେ । ଏମାନଙ୍କଠାରୁ ଜିହାଦି ସାହିତ୍ୟ ସମେତ ଅନ୍ୟାନ୍ୟ ଇଲେକ୍‌ଟ୍ରୋନିକ୍ ଉପକରଣ ଜବତ କରାଯାଇଛି । ଏମାନେ ନମାଜ ପଢିବାକୁ କେବଳ ସ୍ଥାନୀୟ ମସଜିଦ୍‌କୁ ଯାଉଥିଲେ ଏବଂ ପନିପରିବା କିଣିବା ପାଇଁ ବଜାରକୁ ଯିବାଛଡା ଅନ୍ୟ ସମୟରେ ଭଡାଘରେ ରହୁଥିବା କଥା ଘର ମାଲିକାଣୀ ନାୟାବ ଜହାଁ କହିଛନ୍ତି । କିନ୍ତୁ ପଡୋଶୀମାନଙ୍କ କହିବାନୁସାରେ ଏମାନେ ଦେଢବର୍ଷ ହେବ ସେଠାରେ ରହୁଥିଲେ । ସଲମାନ ନାମକ କମ୍ପୁଟର ମେକାନିକ ମାଧ୍ୟମରେ ଧାର୍ମିକ ଶିକ୍ଷା କରୁଥିବା କଥା କହି ଅହମ୍ମଦ ଅଲି ପାଇଁ ଘର ମାଗିଥିଲେ । ଅହମ୍ମଦ ମାସିକ ୩୫୦୦ ଟଙ୍କାରେ ଘରଭଡା ନେଇ ରହିବାର ଦୁଇସପ୍ତାହ ପରେ ମୁଫତି ସାହବ ନାମକ ଯୁବକକୁ ଆଣି ପାଖରେ ରଖିଥିଲା । ଅନ୍ୟ ଦୁଇଜଣ ସନ୍ତ୍ରାସବାଦୀ ସହରର କରୋନ୍ଦ ଅଞ୍ଚଳର ଖାତିଜା ମସଜିଦ୍ ନିକଟରେ ଥିବା ଭଡାଘରେ ରହୁଥିଲେ ।

ବଙ୍ଗଳାଦେଶରେ ୨୦୦୫ରୁ ଜେଏମ୍‌ବି ନିଷିଦ୍ଧ ହୋଇଛି । ଭାରତ ସରକାର ୨୦୧୯ ଜେଏମ୍‌ବିକୁ ନିଷିଦ୍ଧ ସନ୍ତ୍ରାସବାଦୀ ଗୋଷ୍ଠୀ ତାଲିକାରେ ରଖିଛନ୍ତି । ସଂଗଠନ ବିରୋଧରେ ୫ବର୍ଷ ଯାଏଁ ନିଷେଧାଜ୍ଞା ଜାରି ହୋଇଛି । ୧୯ ଜାନୁଆରୀ ୨୦୧୮ରେ ବିହାରର ବୋଧଗୟାସ୍ଥିତ କାଳଚକ୍ର ପଡିଆରେ ମହାବୋଧି ମନ୍ଦିରର ୪ନମ୍ବର ପ୍ରବେଶ ପଥରେ ଏହି ସଂଗଠନର ସନ୍ତ୍ରାସୀମାନେ ଆଇଇଡିକୁ ଏକ ଜେନେରେଟର ସେଟ ତଳେ ପୋତିଥିଲେ ଯାହା ବିସ୍ଫୋରିତ ହେବାଯୋଗୁ ସେଠାରେ ଥିବା ଗାର୍ଡ ସମେତ କେତେକ ଆହତ ହୋଇଥିଲେ । ଏହି ଘଟଣାର ଅନୁସନ୍ଧାନ ଏନ୍‌ଆଇଏ କରି ସନ୍ତ୍ରାସୀମାନଙ୍କୁ ପରେ ଗିରଫ କରିଥିଲା । ସେମାନଙ୍କ ବିଚାର ଗୁରୁବିନ୍ଦର ସିଂହ ମାଲହୋତ୍ରାଙ୍କ ସ୍ୱତନ୍ତ୍ର ଅଦାଲତରେ ଚାଲିଥିଲା । ଗତବର୍ଷ ଡିସେମ୍ବର ମାସରେ ଏହି ମାମଲାର ଶୁଣାଣି ହୋଇ ଅଭିଯୁକ୍ତ ମହମ୍ମଦ ପୈଗମ୍ବର ଶେଖ, ଅହମ୍ମଦ ଅଲି ଓରଫ କାଲୁ, ନୁର ଆଲାମ ମୋମିନଙ୍କୁ ଆଜୀବନ କାରାବାସ ଦଣ୍ଡ ମିଳିଥିଲା । ଏମାନଙ୍କ ଅନ୍ୟ ପାଞ୍ଚଜଣ ସହଯୋଗୀ ଦିଲାୱର ହୋସେନ, ଅବଦୁଲ କରିମ, ମୁସ୍ତାଫିଜୁର ରହମନ, ଅରିଫ ହୁସେନ, ମହମ୍ମଦ ଅଦିଲ ଶେଖ (ସମସ୍ତେ ପଶ୍ଚିମବଙ୍ଗର ମୁର୍ସିଦାବାଦବାସୀ)ଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ମିଳିଥିଲା । ଅନ୍ୟଜଣେ ଅଭିଯୁକ୍ତ ମହମ୍ମଦ ଜେହିବୁଲ ଇସଲାମ ଓରଫ କୌସରର ବିଚାର ଜାରିରହିଛି । ଜେହିବୁଲ ଏବଂ ମୁସ୍ତାଫିଜୁର ଦୁହେଁ ବଙ୍ଗଳାଦେଶୀ ନାଗରିକ । ସେମାନେ ମ୍ୟାନମାରର ରୋହିଙ୍ଗିଆଙ୍କ ପ୍ରତିଶୋଧ ଭାରତରେ ନେବାପାଇଁ ଉକ୍ତ ବିସ୍ଫୋରଣ କରିଥିବା କଥା ସ୍ୱୀକାର କରିଥିଲେ । ଏହି ଗୋଷ୍ଠୀ ପୂର୍ବରୁ ୨ ଅକ୍ଟୋବର ୨୦୧୫ରେ ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲା ଅନ୍ତର୍ଗତ ଖଗ୍ରାଗଡ ଅଞ୍ଚଳରେ ଗୋଟିଏ ଘରେ ବୋମା ଲୁଚାଇ ରଖିଥିଲା ବେଳେ ବିସ୍ଫୋରଣ ହୋଇଥିଲା । ସେହି ଘଟଣାରେ ୨ଜଣ ଜେଏମ୍‌ବି ସନ୍ତ୍ରାସବାଦୀ ମରିଥିଲା ବେଳେ ତୃତୀୟ ଜଣକ ଆହତ ହୋଇଥିଲା । ନୁରୁଲ ହସନ ଚୌଧୁରୀ ନାମକ ଜଣେ ତୃଣମୂଳ କଂଗ୍ରେସର ନେତାଙ୍କ ଘରେ ତଳମହଲାରେ ଦଳୀୟ କାର୍ଯ୍ୟାଳୟ ଥିଲା । ପରେ ସେ ୪୭୦୦ ଟଙ୍କା ମାସିକ ଭଡାରେ ସକିଲ ଅହମ୍ମଦ ନାମକ ଜଣେ ବ୍ୟକ୍ତିଙ୍କୁ ଘରଭଡା ଦେଇଥିଲେ । ବୋମା ବିସ୍ଫୋରଣରେ ନଦିୟା ଜିଲ୍ଲାର କରିମପୁର ବାସିନ୍ଦା ସକିଲର ମୃତ୍ୟୁ ହୋଇଥିଲା । ଆହତ ଦୁଇଜଣ ମୁର୍ସିଦାବାଦ ଜିଲ୍ଲା ଲାଗୋଲାର ଅବଦୁଲ ହକିମ ଏବଂ ଶୋଭନ ମଣ୍ଡଳ ରହିଥିଲେ । ସକିଲ ଏବଂ ଅବଦୁଲର ସ୍ତ୍ରୀକୁ ପୁଲିସ ଗିରଫ କରିଥିଲା । ପରେ ଅନୁସନ୍ଧାନ କରି ପୁଲିସ ୫୦ରୁ ଅଧିକ ବିସ୍ଫୋରକ, ଘଣ୍ଟା, ସିମ୍‌କାର୍ଡ ପ୍ରଭୃତି ଜବତ କରିଥିଲା ଯାହା ଟାଇମର ବୋମାରେ ଖଞ୍ଜାଯାଉଥିଲା । ସେଠାରୁ ତାଲିବାନଙ୍କ ଭିଡିଓ, ଜାଲ ଭୋଟରକାର୍ଡ, ପାସପୋର୍ଟ ଆଦି ଜବତ ହୋଇଥିଲା । ଦାମୋଦର ନଦୀକୂଳରୁ ବିସ୍ଫୋରକ ଲୁଚାଯାଇଥିବା ଅବସ୍ଥାରେ ପୁଲିସ ଜବତ କରିଥିଲା । ସେହିବର୍ଷ ଦୁର୍ଗାପୂଜା ବେଳେ କୋଲକାତା ସହରରେ ୧୦ଟି ସିରିଜ ବୋମା ବିସ୍ଫୋରଣ କରିବାକୁ ଅଲ ଜିହାଦ୍ ନାମକ ଏକ ସନ୍ତ୍ରାସୀ ଗୋଷ୍ଠୀ ଷଡଯନ୍ତ୍ର କରିଥିବା ଏନ୍‌ଆଇଏ ଜାଣିପାରିଥିଲା ।

ଗତ ଫେବୃଆରୀ ମାସ ୧୩ ତାରିଖରେ ମଧ୍ୟପ୍ରଦେଶ ପୁଲିସ ଜେଏମ୍‌ବିର ୪ଜଣଙ୍କୁ ଗିରଫ କଲାପରେ ୧୫ ଫେବୃଆରୀ ଦିନ ପଶ୍ଚିମବଙ୍ଗ ପୁଲିସ ସ୍ୱତନ୍ତ୍ର ପୁଲିସ ଦଳ ହାୱଡାର ବକ୍ରାଠାରୁ ଅନିରୁଦ୍ଧୀନ ଅନ୍‌ସାରୀ ନାମକ ଜଣେ ମଦ୍ରାସା ଶିକ୍ଷକକୁ ଜେଏମ୍‌ବି ସନ୍ତ୍ରାସବାଦୀଙ୍କୁ ଆଶ୍ରୟ ଦେବା ଅଭିଯୋଗରେ ଗିରଫ କରିଛି । ସେ ନିଜ ଘରେ ଦୁଇଜଣ ସନ୍ତ୍ରାସବାଦୀଙ୍କୁ ଲୁଚାଇ ରଖିଥିବା ଅଭିଯୋଗ ହୋଇଛି । ଗତବର୍ଷ ଜୁଲାଇ ୨୦୨୧ରେ ଦକ୍ଷିଣ କୋଲକାତାର ହରିଦେବପୁର ଅଞ୍ଚଳରୁ ପୁଲିସ ଜେଏମ୍‌ବିର ନାଜିଉର ରହମାନ, ରାବିଉଲ ଇସଲାମ ଏବଂ ସବୀର (ସମସ୍ତେ ବଙ୍ଗଳାଦେଶୀ)କୁ ଗିରଫ କରିଥିଲା । ସେମାନଙ୍କଠାରୁ ଜେଏମ୍‌ବିର ଶୀର୍ଷ ନେତୃବୃନ୍ଦ ଏବଂ ସେମାନଙ୍କ ସହଯୋଗୀ ସନ୍ତ୍ରାସୀ ସଂଗଠନଗୁଡିକ ସଂପର୍କୀତ କାଗଜପତ୍ର ମିଳିଥିଲା ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତବର୍ଷ ବଙ୍ଗଳାଦେଶ ଗସ୍ତ କରିବା ସମୟରେ ଢାକେଶ୍ୱରୀ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ । ସେହି ସମୟରେ ଢାକାରେ ମୋଦିଙ୍କ ବିରୋଧରେ ହିଂସାତ୍ମକ ଆନ୍ଦୋଳନ ସଂଗଠିତ ହୋଇଥିଲା ଏବଂ ଜଳାପୋଡା ଘଟଣାରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିଲା । ମଦ୍ରାସା ଛାତ୍ରମାନେ ସେହି ଜଳାପୋଡାରେ ସଂପୃକ୍ତ ଥିଲେ । ସେମାନଙ୍କୁ ହିଫାଜତ୍ -ଇ-ଇସଲାମର ଯୁଗ୍ମ ସାଧାରଣ ସଂପାଦକ ମାମୁନୁଲ ହକ ଦଙ୍ଗାଗୋଳ ପାଇଁ ଉସ୍‌କାଇଥିଲା । ସେ ଜେଏମ୍‌ବି, ବିରୋଧୀ ଦଳନେତ୍ରୀ ଖାଲିଦାଙ୍କ ଲଣ୍ଡନରେ ଦେଶାନ୍ତରୀ ହୋଇଥିବା ପୁଅ, ଆମେରିକା ଓ ବ୍ରିଟେନରେ ଥିବା ପାକ୍ ନାଗରିକଙ୍କ ସମେତ ପାକିସ୍ଥାନର ଆଇଏସ୍‌ଆଇଠାରୁ ମଧ୍ୟ ଅର୍ଥ ପାଇଥିଲା ।

ଗତବର୍ଷ ଜୁଲାଇ ୨୦୨୧ରେ ଗୋଇନ୍ଦା ସଂସ୍

ଫୁଲକଢି

ମିନା ଅପାଙ୍କ ରାମାୟଣ ଟୁଙ୍ଗି (୩୪)

ଶ୍ରୀରାମଙ୍କ ଚିତ୍ରକୂଟ ଯାତ୍ରା

କାର୍ତ୍ତିକ ସାଇଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ରାମ, ଲକ୍ଷ୍ମଣ, ସୀତା ରଥରେ ବସି ଗଙ୍ଗାନଦୀ କୂଳରେ ପହଂଚିଲେ। ସେଇଠାରେ ସେ ବିଶ୍ରାମ ନେବାକୁ ସ୍ଥିର କଲେ। ତାଙ୍କ ଆଗମନର ଖବର ତାଙ୍କ ମିତ୍ର ଶବର ରାଜା ଗୁହକଙ୍କ ପାଖରେ ପହଂଚି ଯାଇଥିଲା। ସେ ଆସି ରାମକୁ ଦେଖାକଲେ ଓ ତାଙ୍କୁ ଅନୁରୋଧ କଲେ ତାଙ୍କ ରାଜ୍ୟରେ ରହିଯିବାକୁ। ମାତ୍ର ରାମ ମିତ୍ରଙ୍କୁ ବୁଝାଇ ଦେଲେ ଯେ ତାଙ୍କ ପାଇଁ ପିତୃ ସତ୍ୟ ପାଳନ କରିବାଠାରୁ ବଡ଼ କଥା କିଛି ନାହିଁ।

ଗଙ୍ଗାନଦୀ କୂଳରେ ପହଂଚି ରାମ ମନ୍ତ୍ରୀ ସୁମନ୍ତଙ୍କୁ ବିଦାୟ ଦେଲେ ଓ ଏ କଥା କହିଲେ- ପିତାମାତାଙ୍କୁ କହିଦେବ ଆମେ କୁଶଳରେ ଅଛୁ। ଚଉଦ ବର୍ଷ କିପରି କଟିଯିବ ଜଣା ପଡ଼ିବନି। ତା ପରେ ଆମ ଅଯୋଧ୍ୟା ଫେରି ଆସିବୁ।

ଅନିଚ୍ଛା ସତ୍ତ୍ୱେ ସୁମନ୍ତ ନିଜର ରଥ ନେଇ



ଅଯୋଧ୍ୟାକୁ ଫେରିଗଲେ। ଗଙ୍ଗାନଦୀ କୂଳରେ ରାତ୍ର ଯାପନ କଲେ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ଜାନକୀ। ତା ପରଦିନ ମିତ୍ର ଗୁହକ ଏକ ନୌକାରେ ରାମ ଲକ୍ଷ୍ମଣ ଓ ସୀତାଙ୍କ ଗଙ୍ଗାନଦୀ ପାର କରାଇଲେ। ରାମ ଗୁହକଙ୍କୁ ଏକ ପ୍ରତିଶ୍ରୁତି ଦେଇଗଲେ ଯେ ସେ ଅଯୋଧ୍ୟା ଫେରିବା ବାଟରେ ଗୁହକଙ୍କୁ ଦେଖାକରି ଯିବେ।

ଦୁଇ ମିତ୍ରଙ୍କ ବିଦାୟକାଳୀନ ସମୟ ଥିଲା କାରୁଣିକ। ଜଣେ ପିତୃସତ୍ୟ ପାଳନ କରିବାକୁ ପ୍ରତିଶ୍ରୁତି ବୃନ୍ଧ। ଆଉ ଜଣେ ମିତ୍ରଙ୍କ ସତ୍ୟ ପାଳନକୁ ସମ୍ମାନ ଜଣାଇ ନୀରବ ହୋଇଗଲେ।

ଗଙ୍ଗାନଦୀ ପାର ହେବା ଆଗରୁ ରାମ ଲକ୍ଷ୍ମଣ ବରଗଛର କ୍ଷୀର ଆଣି ନିଜ ଚୂଳରେ ଲଗେଇଲେ ଓ ଋଷି ମୁନିଙ୍କ ପରି ଜଟା ବାନ୍ଧିଲେ। ତାଙ୍କ ବନବାସ ଜୀବନ ଆରମ୍ଭ ହୋଇଗଲା।

ମିତ୍ର ଗୁହକ ରାମ ଓ ଅନୁଜ ଲକ୍ଷ୍ମଣଙ୍କୁ ଅରଣ୍ୟରେ ସାବଧାନ ହୋଇଯିବାକୁ ଅନୁରୋଧ କଲେ।

ଗଙ୍ଗାନଦୀ କୂଳରେ ରାମ ଲକ୍ଷ୍ମଣ ଯାତ୍ରା ଆରମ୍ଭ କଲେ। ଚାରିଆଡ଼େ ସୁନ୍ଦର ବନନୀ। ସବୁଜ ଗଛଲତା ଫଳ ଫୁଲରେ ଭରା। ଲକ୍ଷ୍ମଣ ଆଗରେ ଚାଲୁଥିଲେ ଓ ଆବଶ୍ୟକ ପଡ଼ିଲେ ପଥ ସଫା କରୁଥିଲେ। ମଝିରେ ଥିଲେ ମା' ସୀତା। ସବା ପଛରେ ଥିଲେ ଶ୍ରୀରାମ।

ସେ ଅଂଚଳର ବୃକ୍ଷଲତାଙ୍କ ଭାଗ୍ୟରେ ଥିଲା ପ୍ରଭୁ ଶ୍ରୀରାମ ଓ ମାତା ସୀତାଙ୍କ ଦର୍ଶନ। ସେମାନେ ଉଲ୍ଲସିତ ହେଉଥିଲେ।

ଭରଦ୍ୱାଜଙ୍କ ଆଶ୍ରମରେ ରାମ, ଲକ୍ଷ୍ମଣ ଓ ଜାନକୀ: ବାଟରେ ଚାଲୁ ଚାଲୁ ରାମ, ଲକ୍ଷ୍ମଣ ଓ ସୀତା ଗୋଟେ ଗୋଟେ ଯାଗାରେ ବିଶ୍ରାମ ନେଉଥିଲେ, ଆବଶ୍ୟକ ମତେ ମୃଗୟା କରି ଖାଦ୍ୟ ରନ୍ଧନ କରୁଥିଲେ।

ଗଙ୍ଗାନଦୀ କୂଳରେ ଚାଲୁ ଚାଲୁ ସେମାନେ ପ୍ରୟାଗ ତୀର୍ଥରେ ପହଂଚିଗଲେ।

ପ୍ରୟାଗ ତୀର୍ଥରେ ଗୋଟାଏ ଦିନ ରହିବାର ଶ୍ରୀରାମ ସ୍ଥିର କଲେ। ପ୍ରୟାଗ ତୀର୍ଥ ସ୍ଥାନରେ ଋଷି ଭରଦ୍ୱାଜଙ୍କ ଆଶ୍ରମ। ରାମ, ଲକ୍ଷ୍ମଣ, ସୀତା ଆଶ୍ରମରେ ପ୍ରବେଶ କଲେ ଓ ଋଷିଙ୍କ ନିଜର ପରିଚୟ ଦେଲେ। ସେମାନଙ୍କୁ ଦେଖି ଭରଦ୍ୱାଜ ଋଷି ଆନନ୍ଦିତ ହେଲେ ଓ ସେମାନଙ୍କ ପାଇଁ ସୁସ୍ୱାଦ ଫଳମୂଳର ବନ୍ଦବୋସ୍ତ କଲେ।

ଋଷି ଭରଦ୍ୱାଜଙ୍କ ଆତିଥ୍ୟରେ ବହୁତ ଖୁସି ହେଲେ ଶ୍ରୀରାମ। ତାଙ୍କ ଆଶ୍ରମରେ ବନବାସ କାଳ କାଟିବାକୁ ଭରଦ୍ୱାଜ ଋଷି ଆଗ୍ରହ ପ୍ରକାଶ କଲେ। ମାତ୍ର ରାମ କହିଲେ- " ହେ ଋଷିବର, ଆପଣଙ୍କ ଆଶ୍ରମ ଅଯୋଧ୍ୟାଠାରୁ ବେଶି ଦୂରରେ ନୁହେଁ। ଅଯୋଧ୍ୟାର ନରନାରୀ ଯଦି ଜାଣିଯିବେ ମୁଁ ଏଠାରେ ରହୁଛି, ସେମାନେ ଏଠାକୁ ଆସିଯିବେ ଓ ଗହଳି ଲଗାଇବେ। ଆମକୁ ଏପରି ଏକ ବଣର କଥା କୁହନ୍ତୁ ଯେଉଁଠି ଆମେ ନିର୍ବିଘ୍ନରେ ରହିପାରିବୁ।

ଶ୍ରୀରାମଙ୍କ କଥା ଶୁଣି ଭରଦ୍ୱାଜ ଋଷି କିଛି ସମୟ ଚିନ୍ତା କଲେଓ କହିଲେ - ମହାପର୍ବତ ଚିତ୍ରକୂଟ ହିଁ ତୁମ ରହିବା ଲାଗି ଉତ୍କୃଷ୍ଟ ହେବ।

ଭରଦ୍ୱାଜ ଋଷିଙ୍କ ଆଶ୍ରମରେ ରାମ ଲକ୍ଷ୍ମଣ ଜାନକୀ ରାତିଟିଏ କଟାଇଲେ। ତା ପରଦିନ ସକାଳେ ଚିତ୍ରକଟ ପର୍ବତରେ ପହଂଚିବାର ବାଟ ଭରଦ୍ୱାଜ ମୁନି ଶ୍ରୀରାମଙ୍କୁ ଦେଖାଇଦେଲେ। ଋଷିଙ୍କୁ ପ୍ରଣାମ କରି ରାମ ସୀତା ଓ ଲକ୍ଷ୍ମଣ ଚିତ୍ରକୂଟ ପର୍ବତ ଦିଗରେ ଯାତ୍ରା ଆରମ୍ଭ କଲେ।

ପ୍ରୟାଗ ତୀର୍ଥରୁ ଶ୍ରୀରାମ ନିଜ ପତ୍ନୀ ଓ ଭ୍ରାତା ଲକ୍ଷ୍ମଣଙ୍କ ସହିତ ଯମୁନା ନଦୀ କୂଳେ କୂଳେ ଯାତ୍ରା ଆରମ୍ଭ କଲେ। ଭରଦ୍ୱାଜ ଋଷି କହିଥିବା ଅନୁସାରେ ଗୋଟେ ଜାଗାରେ ସେମାନେ କାଠର ଏକ ଭେଳା ବାନ୍ଧିଲେ ଓ ତାଉପରେ ବସି ସେମାନେ ଯମୁନା ନଦୀ ପାର ହେଲେ। ନଦୀର ଯାତ୍ରା କାଳରେ ମା' ସୀତା ଯମୁନା ନଦୀଙ୍କୁ ତାଙ୍କ ଯାତ୍ରା ସୁରୁଖୁରୁରେ ରହୁବୋଲି ପ୍ରାର୍ଥନା କରିଥିଲେ। ପିଲାମାନେ, ଆମେମାନେ ମଧ୍ୟ ରାମ ଲକ୍ଷ୍ମଣ ସୀତାଙ୍କ ସହିତ ବର୍ତ୍ତମାନ ଯମୁନା ନଦୀ ପାର ହେଉଛେ। ମିନା ଅପାଙ୍କ କଥାରେ ପିଲାମାନେ ବହୁତ ଖୁସି ହୋଇଥିଲେ।

(କ୍ରମଶଃ)

❤ (ମୋ) ୯୯୮୦୩୦୦୭୫୧

କବିତା

ତୁମ ପାଇଁ

ମାଆର ଅମୃତ ବାଣୀ

ଅମୂଲ୍ୟ କୁମାର ପଣ୍ଡା

ମାଆ ଡାକି କହେ ବୁଝାଇ ପୁଅକୁ
କଥାଟିଏ ବାବୁ ଶୁଣ
ମାନିଲେ ମୋ କଥା ମନ ଦେଇ ଧନ
ବିକଶିବ ତୋର ଗୁଣ

ସକାଳୁ ଉଠିକି ନିତ୍ୟକର୍ମ ସାରି
ସୂରୁଜଙ୍କୁ ଦେବୁ ଜଳ
ପ୍ରାତଃ ପାର୍ଥନାକୁ ଧ୍ୟାନରେ ବୋଲିବୁ
ପାଇବୁ ତାହାର ଫଳ

ଗୁରୁ ଗୁରୁଜନ ପାଦେ ଭକ୍ତି ରଖି
ପ୍ରଣାମ କରିବୁ ଯାଇଁ
ମାଆ ଯାହା ବାଢ଼ି ଦେବେଟି ସମ୍ମୁଖେ
ହରଷରେ ଦେବୁ ଖାଇ

ବହି ଖାତା ଧରି ପଢ଼ିବୁ ନିଇତି
ପାଠରେ ଦେଇକି ମନ
ଲୋଭ କରିବୁନି ଦେଖିକି କାହାର
ଥାଉ ଅବା ଯେତେ ଧନ

କୋମଳ ବଚନ କହିବୁ ସଭିଙ୍କୁ
ମୁହଁରେ ରଖିକି ହସ
ସ୍ନେହ ପ୍ରେମ ଆଉ ମମତା ରଜ୍ଜୁରେ
ବାନ୍ଧିକି କରିବୁ ବଶ

କାହାରି ମନରେ କେବେ ଧନ ତୁହି
ଟିକେ ବି ଦୁଃଖ ନ ଦେବୁ
ସାହାଯ୍ୟର ହାତ ବଢ଼ାଇ ସଭିଙ୍କୁ
ମନ ତାଙ୍କ କିଣି ନେବୁ

ସାଙ୍ଗ ସାଥି ମେଳେ ଖେଳିବୁ ଖୁସିରେ
କଳି ଯେ କରିବୁ ନାହିଁ
ପର ନିନ୍ଦା କେବେ କାହାରି ଆଗରେ
ତିଳେ କହିବୁନି ଯାଇଁ

ଅଳସୁଆ କେବେ ହେବୁ ନାହିଁ ତୁହି
ଚାଲିବୁ ସତ୍ୟର ପଥେ
ଅନ୍ୟାୟ ଦେଖିଲେ ଧର୍ମ ସହ ରହି
ଚଢ଼ିବୁ ନ୍ୟାୟର ରଥେ

ମନେ ଯଦି ଦୁଃଖ ଆସିବ ଜାଣିବୁ
ଭଜୁଥିବୁ ହରି ନାମ
ଅଳସୁଆ ହୋଇ ଭୟ କରିବୁନି
କରି ଯିବୁ ସବୁ କାମ

ମୋର ଏହି ସବୁ ବଚନ ମାନିଲେ
ହୋଇବୁ ଜଗତ ଜିତା
ଭବିଷ୍ୟ ତୋହର ଉଜ୍ଜ୍ୱଳ ହୋଇବ
ନଥିବ କିଛି ଯେ ଚିନ୍ତା।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ :- ୯୯୩୮୯୦୬୦୭୦

ଫୁଲ ଓ ମୂଳ

କୁନା ସେଠୀ

ସଭିଏଁ କହନ୍ତି ପୂଜାର ନିମିତ୍ତ
ଫୁଲ ଦରକାର ହୁଏ
ଆଉ ଯାହା ଦ୍ରବ୍ୟ ଦିଅ କି ନ ଦିଅ
ଫୁଲ ତ ଆଦର ପାଏ ।

ଆଇ ମାଆ ମୋର ସକାଳ ନ ହେଉ
ଚାଙ୍ଗୁଡ଼ି ଟିଏ ତ ଧରି
ନଇ ନଇ ସିଏ ବୁଲିବାଲି କରି
ଫୁଲ ତୋଳେ ଥିରି ଥିରି ।

ଫୁଲ ତକ ନେଇ ପୂଜାରୀ ନନାଙ୍କୁ
ଦିଏ ସେ ଆନନ୍ଦେ ଭାରୀ
ହାତ ଯୋଡ଼ି କହେ ଠାକୁରଙ୍କୁ ଦେବ
କହିବ ଗୁହାରି ମୋରି ।

ପୂଜା ଦ୍ରବ୍ୟ ଅବା ମନ୍ତ୍ର କିବା ତନ୍ତ୍ର
ନାହିଁ ତ ମୋହରିଠାରେ
ହାତ ଯୋଡ଼ି ମୋର ଚରଣେ ତୁମର
ମୁଣ୍ଡିଆଟିଏ ମୁଁ ମାରେ ।

ପଚାରିଲି ଦିନ ଆଇ ମାଆ ମୋର
ଫୁଲ ତୋଳି ଦିଅ କାହିଁ
ଏତେ ବୟସରେ ବିଶ୍ରାମ ନ ନେଇ
ରାତିରୁ ଉଠୁଛ କାହିଁ ।

ଆଇ ମାଆ ମୋର କହିଲେ ବୁଝାଇ
ଫୁଲର ରହିଛି ମୂଳ
ଯେତେ ଦେବ ଫୁଲ ଠାକୁରମାନଙ୍କୁ
ଠାକୁର ହୋଇବେ ଗେଲ ।

ଯେତେ ଦ୍ରବ୍ୟ ଦେଲେ ପୂଜାର ନିମିତ୍ତ
ଖାଏ କି ଠାକୁର କେବେ
ତୁମେ ନିଜେ ଖାଅ ତାହାରି ନାମରେ
ଏ କଥା ସତ ମୁ ଭାବେ ।

ଫୁଲ କିନ୍ତୁ ଦେଲେ ଦେହରେ ପ୍ରଭୁଙ୍କ
ଲାଗିହୁଏ ରାତି ଦିନ
ଝଲସି ଉଠନ୍ତି ସୁନ୍ଦର ବେଶରେ
ବାସରେ ହରଇ ମନ ।

ଏଇ କଥା ମତେ କହି ଆଇ ମାଆ
ମୁଣ୍ଡକୁ ଆଉଁସି ଦେଲେ
ଫୁଲ ଦେଲେ ମୂଳ ନିଶ୍ଚୟ ପାଇବୁ
ଏ କଥାଟି କହି ଗଲେ ।

+ଭୂତସରସିଙ୍ଗି,ଗଞ୍ଜାମ

ଫୁଲକଢି

ନିରଞ୍ଜନ ପତି

ଆଜି ଅଛି ମୁହିଁ ଫୁଲ କଢି
ଫୁଲ ହୋଇବି ମୁଁ ବଢି ବଢି
ବାସ,ମହୁ,ଶୋଭା ବିତରି ଦେବି ମୁଁ
ଜୀବନ ପଥରେ ଲଢିଲଢି।

ଗୁନ୍ଥା ହୋଇ ଫୁଲମାଳ ହେବି
ପ୍ରଭୁ ବେକେ ସ୍ଥାନ ପାଇଯିବି
ଜନମରୁ ଧରି ଶମଶାନ ଯାଏ
ଲୋକଙ୍କ ସେବାରେ ଲାଗୁଥିବି।

ମହୁମାଛି ମହୁ ଶୋଷି ନେବ
ଫେଣାରେ ସାଇତି ରଖିଦେବ
ମର୍ତ୍ତ୍ୟର ଅମୃତ ପରାଏ ଏ ମହୁ
ନାନା ରୋଗ ଅଉଷଧି ହେବ।

କରନାହିଁ ମୋର ହତାଦର
ଯତନ ମୋହର ଦରକାର
ଭଲକଢି ଭଲ ଫୁଲ ହୁଏ ବଢି
ଆମକୁ କାହିଁକି ହେଳା କର।

ନାନା ଫୁଲଫଳ ଗଛ ପୋତ
ଫୁଲ ଦେଖି ଖୁସି ହୋଇବତ
ପାଇ ଫୁଲଫଳ, ଛାଇ, ଡାଳ ମୂଳ
ସୁବିଧା ହୋଇବ ଅପ୍ରମିତ ॥

❤ ଗାନ୍ଧିମାର୍ଗ, ଅନୁଗୋଳ
ମୋ-୯୯୩୮୧୩୩୫୫୯

ଧର୍ମ ନୁହେଁ ରକ୍ତ ହିଁ ବଡ଼

ସୁଧାକର ନନ୍ଦ

ସୁଲେମାନ ଓ ସୀତାନାଥ ଦୁହେଁ ଭାରି ସାଙ୍ଗ ଥିଲେ। ପାଖରେ ପାଖରେ ଦୁହିଁଙ୍କ ଘର। ଦୁହେଁ ଭିନ୍ନ ଧର୍ମର ହୋଇଥିଲେ ମଧ୍ୟ ପରସ୍ପରକୁ ଭାରି ଭଲ ପାଆନ୍ତି। ସୀତାନାଥଙ୍କ ମାଆ ରମାଦେବୀ ଦୁଇଜଣଙ୍କର ମିଳାମିଶାକୁ ଆଦୌ ପସନ୍ଦ କରୁନଥିଲେ। ସାଙ୍ଗରେ ଖାଇବା ତ ଦୂର କଥା ଦୁଇଜଣ ପାଖରେ ବସିଲେ ରମାଦେବୀ ବିରକ୍ତ ଭାବ ପ୍ରକାଶ କରନ୍ତି। ଦୁହେଁ ଗୋଟିଏ କ୍ଲାସରେ ପଢ଼ନ୍ତି। ସ୍କୁଲକୁ ଗଲାବେଳେ ମାଆଙ୍କ ଡରେ ଦୁହେଁ ଅଲଗା ଅଲଗା ଯାଆନ୍ତି। ଟିକେ ଉଡାଡ଼ ହୋଇଗଲେ ଦୁହେଁ ହାତ ଧରାଧରି ହେଇ ଯାଆନ୍ତି। ଶ୍ରେଣୀରେ ପାଖରେ ଏକା ସାଙ୍ଗରେ ବସନ୍ତି। ମାଆ ଦେଇଥିବା ଜଳଖିଆ ସହିତ ସୁଲେମାନ ଆଣିଥିବା ଜଳଖିଆକୁ ଖେଳଛୁଟି ବେଳେ ସାଙ୍ଗରେ ମିଶାଇ ଖାଆନ୍ତି। ଏକଥା ବହୁଦିନ ପର୍ଯ୍ୟନ୍ତ ମାଆ ଜାଣିପାରୁ ନଥିଲେ। ସ୍କୁଲ ପିଲାଙ୍କଠାରୁ ଦୁହେଁ ମାଆ ରମାଦେବୀ ଏକଥା ଶୁଣି ସୀତାନାଥଙ୍କୁ ବହୁତ ଗାଳି କଲେ। ଆଉ ଦିନେ ପାଖରେ ବସିବେ ନାହିଁ କି ସାଙ୍ଗରେ ଖାଇବେ ନାହିଁ ବୋଲି ଦୁହିଁଙ୍କୁ ତାଗିଦ୍ କଲେ। ସୁଲେମାନର ମାଆ ହାସିନାଙ୍କ ପାଖରେ ରମାଦେବୀ ଫେରାଦ ହୋଇ କହିଲେ ଏପରି ଦୁହିଁଙ୍କ ମିଳାମିଶା ତାଙ୍କୁ ଭଲ ଲାଗୁନାହିଁ। ହାସିନା କି ତାଙ୍କ ପୁଅର ଏତେ ମିଳାମିଶା ନ କରିବା ପାଇଁ ତାଙ୍କୁ ବୁଝାଇ ଦେଲେ। ଦୁଇ ତିନିଦିନ ପରେ ଦୁହେଁ ଅଲଗା ରହିଲେ ସିନା ପୁଣି ଯଉ କଥାକୁ ସେଇ କଥା। ମାଆ ରମାଦେବୀ ଖବର ପାଇଲେ ଗୋଟେ ସରୁଆ ବାଡ଼ିରେ ସୀତାନାଥକୁ ଏମିତି ବାଡ଼େଇଲେ ଯେ, ତା ଦେହ ସାରା ନୋଳା ବସିଗଲା। ଏକଥା ଦେଖି ସୁଲେମାନର ମାଆ ହାସିନା ପୁଅକୁ ବୁଝାଇଲେ ତୁ ପା କହୁ ତୋ ମାଆକୁ କିଏ କଷ୍ଟ ଦେଲେ ବାଧେ। ତୁ ସୀତାନାଥ ମାଆକୁ କଷ୍ଟ ଦଉଛୁ

କେମିତି ? ତତେ କସମ ଦଉଛି ଆଉ ତୁ ସୀତାନାଥ ସାଙ୍ଗରେ ମିଳାମିଶା କରିବୁ ନାହିଁ। କିଛିଦିନ ଧରି ମାଆ ମନରେ କଷ୍ଟ ନଦେବା ପାଇଁ ଦୁହେଁ ଅଲଗା ଅଲଗା ରହିଲେ। ଏପରିକି କଥାବାର୍ତ୍ତା ହେଲେ ନାହିଁ।

ସେଦିନ ସ୍ୱାଧୀନତା ଦିବସରେ ସୀତାନାଥ ଯଦିଓ ରାସ୍ତାର ବାମକଡ଼ରେ ପ୍ୟାରେଡ ଦେଖିସାରି ଭିଡ଼ କାଟି ଆସୁଥିଲେ। ତା ଉପରେ ଲୋକଟିର ବୁଲେଟ ମଟରସାଇକେଲ ଧକ୍କା ଦେଲା। ଲୋକମାନେ ତାକୁ ଗାଡ଼ିରେ ଡାକ୍ତରଖାନାକୁ ନେଇଗଲେ। ବହୁତ ରକ୍ତ ବୋହିବାରୁ ସିଏ ଅଚେତ୍ ହୋଇ ପଡ଼ିଥାଏ। ସୀତାନାଥର ଅପରେସନ ହେବ। ଅପରେସନ ବେଳେ ରକ୍ତ ଆବଶ୍ୟକ ପଡ଼ିବ ବୋଲି ଡାକ୍ତର କହିଲେ। ସୀତାନାଥ ଗ୍ରୁପର ରକ୍ତ ବ୍ଲକ ବ୍ୟାଙ୍କରେ ନଥିଲା କି କେଉଁଠି ମିଳିଲା ନାହିଁ। ଶେଷରେ ତା'ଠାରୁ ଟିକେ ଦୂରରେ ଛିଡ଼ା ହୋଇଥିବା ସୁଲେମାନ କହିଲା ସୀତାନାଥର ଓ ତା'ର ରକ୍ତଗ୍ରୁପ୍ ସମାନ। ତାର ଗ୍ରୁପ୍ ପରୀକ୍ଷା କରାଯାଇ ଜଣାପଡ଼ିଲା ସୁଲେମାନ ଯାହା କହୁଛି ସତ। ଅପରେସନ ଆରମ୍ଭ ହେବାପରେ ଯାଇ ସୁଲେମାନ ରକ୍ତ ଦେଲା। ସୀତାନାଥ ଠାରେ ସେ ରକ୍ତ ଦେବାର ଯାଇ ଅପରେସନ ହେଲା। ରମାଦେବୀ ଏହିକଥା ଶୁଣି ତାଙ୍କଠାରୁ ଟିକିଏ ଦୂରରେ ଛିଡ଼ା ହୋଇଥିବା ସୁଲେମାନଙ୍କୁ କୁଣ୍ଢେଇ ପକାଇ କାନ୍ଦୁ କାନ୍ଦୁ କହିଲେ ସତରେ ବାପା ଧର୍ମ ଅଲଗା ହେଲେ କଣ ହବ ରକ୍ତ ତ ସମାନ। ମୁଁ କେତେ ଭୁଲ୍ କରୁଥିଲି। ମୋତେ କ୍ଷମା କରିଦେବ ବାପା । ସୁଲେମାନ କହିଲା ଆପଣ ଆଜି ଏତିକି ଯେ ବୁଝିପାରିଲେ। ଏତିକି ଆମ ଦୁହିଁଙ୍କ ପାଇଁ ଯଥେଷ୍ଟ।

ସଂପାଦକ- ଜଗତ ଜନନୀ

ଅହଂକାରୀ ମାଙ୍କଡ

ମୂଳହିନ୍ଦୀ- ନିଧି ଭାର୍ଗବ ମାନବୀ
ଅନୁକୃତି - ବିନୟ କୁମାର ଦାସ

ଏକ ଜଙ୍ଗଲରେ ମାଙ୍କଡଟିଏ ଥିଲା । ତା ନାମ ଘିନୁଆ । ସେ ଭାରି ଅହଙ୍କାରୀ । କାହାକୁ କେବେ ସେ ଖାତିର କରୁନଥିଲା । ସେ ଯେଉଁ ଝଂକାଳିଆ ଆମ୍ବ ଗଛରେ ରହୁଥିଲା, ତା ଆଖପାଖକୁ କାହାକୁ ଆସିବାକୁ ଦେଉ ନଥିଲା । ଯଦି କେହି ଜନ୍ତୁ ସେଇ ବାଟେ ଯିବାର ଦେଖେ, ତାକୁ ଖିଙ୍କାରି ହେଉଥିଲା । ଯେମିତି ସେ ଆଉ କେବେ ସେବାଟେ ନ ଆସେ । ଅନ୍ୟ ମାଙ୍କଡଙ୍କ ସହିତ ବି ତାର ଭଲ ବ୍ୟବହାର ନ ଥିଲା । ବିନା କାରଣରେ କେବେ କାହାକୁ ବାଡେଇଲାଣି ତ କାହାକୁ ଗାଳିଗୁଲଜ କଲାଣି, ଏଇ ଥିଲା ତାର ନିତିଦିନିଆ କାମ । ସେ ଯେଉଁ ଆମ୍ବଗଛରେ ବାସ କରୁଥିଲା, ସେ ଗଛର ଆମ୍ବ ଖୁବ୍ ମିଠା ଆଉ ସ୍ୱାଦିଷ୍ଟ ଥିଲା, କିନ୍ତୁ ସେ କେବେ କାହାକୁ ସେ ଗଛରୁ ଆମ୍ବ ଖାଇବାକୁ ଦେଉ ନଥିଲା । ଏଇଥିପାଇଁ ସେ ଜଂଗଲର ଅନ୍ୟଜୀବଜନ୍ତୁ ବହୁତ ଦୁଃଖରେ ରହିଥିଲେ ।

ଘିନୁଆର ଅତି ଅନ୍ତରଂଗ ମାଙ୍କଡ ଥିଲା ମୁରାମ୍ । ସେ କେବେ କେବେ ତା ପାଖକୁ ଆସୁଥିଲା, କିଛି ସମୟ କଥା ହୋଇ ପଳାଇ ଯାଉଥିଲା, କାରଣ ଘିନୁଆ ସବୁବେଳେ ଅନ୍ୟ ଜୀବଜନ୍ତୁଙ୍କ ବିରୁଦ୍ଧରେ ହିଁ କଥା କହୁଥିଲା । ମୁରାମ୍‌କୁ ଏହା ଆଦୌ ଭଲ ଲାଗୁ ନଥିଲା । ଥରେ ସେ ଘିନୁଆକୁ କହିଲା, ମିତ୍ର, ତୁମକୁ ଗୋଟେ କଥା କହିବାକୁ ଇଚ୍ଛା ହେଉଛି । ହେଲେ ମୁଁ ଜାଣିଛି, ତାହା ତୁମକୁ ଜମା ଭଲ ଲାଗିବ ନାହିଁ । ତଥାପି ତୁମ ଭଲ ପାଇଁ ସେତକ କହୁଛି । ତୁମେ ମୋ କଥାକୁ ଗ୍ରହଣ କରି ପାର, ନହିଲେ ନାହିଁ । କଥାଟା ହେଉଛି, ଆମେ ଜଂଗଲରେ ବାସ କରୁଛୁ । ଆମ ପ୍ରତି ସବୁବେଳେ ବିଭିନ୍ନ ପ୍ରକାରର ଆପଦବିପଦ ରହିଛି । ବିପଦ ବେଳେ ପରସ୍ପରକୁ ସାହାଯ୍ୟ ସହଯୋଗ କଲେ ବିପଦ ଛାଏଁଛାଏଁ ତା ବାଟରେ ଚାଲିଯାଏ । ହେଲେ ତୁମେ ଅନ୍ୟମାନଙ୍କ ପ୍ରତି ଯେମିତି ବ୍ୟବହାର କରୁଛ, କିଛି ବିପଦ ବେଳେ ତୁମକୁ କେହି ସାହାଯ୍ୟ କରିବେ ନାହିଁ। ଏତକ ଶୁଣି ଘିନୁଆ କହିଲା....ହଉ , ସେତେବେଳେ ଦେଖାଯିବ । ମୁରାମ୍ ଆଉ କିଛି ନକହି ସେଠାରୁ ଚାଲିଗଲା । ଆଉ ଦିନେ ଜଂଗଲର ବୟୋଜ୍ୟେଷ୍ଠ ମାଙ୍କଡ ବୁଦ୍ଧିରାମ ଘିନୁଆକୁ କହିଲା , ଏତେ ଅହଂକାର ଭଲ ନୁହେଁରେ । ଏଥିପାଇଁ ତୋତେ ଦିନେ ପସ୍ତେଇବାକୁ ପଡିବ । ତା କଥାକୁ ବି ଘିମୁଆ ଏ କାନରେ ପୂରାଇ ସେ କାନରେ ବାହାର କରିଦେଲା ।

ସମୟ କାହାରିକୁ ଅପେକ୍ଷା କରେ ନାହିଁ । ଘିନୁଆର ବଳ ବୟସ ହଟିଲା । ସେ କ୍ରମଶଃ ଦୁର୍ବଳ ହୋଇ ପଡିଲା । ତା ପୂର୍ବର ଶକ୍ତି ସାମର୍ଥ୍ୟ ହଜି ହଜି ଆସିଲା । ସେ କୁଆଡକୁ ଯିବା ଆସିବା କରି ପାରିଲା ନାହିଁ । ଖାଦ୍ୟ ସଂଗ୍ରହ କରି ନ ପାରିବାରୁ ଦିନେ ଦିନେ ତାକୁ ଉପାସ ରହିବାକୁ ବି ହେଲା । ପୁଣି ଥରେ ଝଡ ତୋଫାନ ଏତେ ଜୋରରେ ହେଲା ଯେ ଗଛମାନ ଉପୁଡି ପଡିଲା । ସେ ରହୁଥିବା ଆମ୍ବଗଛ ବି ଉପୁଡି ଗଲା । ସେ ବାସହରା ହୋଇଗଲା । ଝଡ ତୋଫାନରୁ ରକ୍ଷା ପାଇବା ପାଇଁ ଅନ୍ୟମାନେ ଆଉ ଏକ ପାଖ ଜଂଗଲକୁ ପଳାଇଗଲେ । ହେଲେ ଘିନୁଆ ଚାଲିବାକୁ ବଳ ନଥିବାରୁ କୁଆଡେ ଯାଇ ପାରିଲା ନାହିଁ । କେହି ତାକୁ ଅନାଇଲେ ନାହିଁ । ଏକୁଟିଆ ଦୁଃଖରେ ବସି ବସି ମନେମନେ ଭାବୁଥିଲା କେହି ତାକୁ ଧରାଧରି କରି ଅନ୍ୟ ଏକ ଜାଗାକୁ ନେଇ ଯାଅନ୍ତା କି ? ହେଲେ, ସେ ଜାଣିସାରିଥିଲା ଯେ କେହି ତା ପାଖକୁ ଆସିବେ ନାହିଁ । ମୂରବୀ ମାଙ୍କଡଟି ଅନ୍ୟମାନଙ୍କୁ ଅନୁରୋଧ କଲା ଘିନୁଆକୁ ଏ ବିପଦ ବେଳେ ସାହାଯ୍ୟ କରିବା ପାଇଁ । ତା କଥା ରଖି ଅନ୍ୟମାନେ ଧରାଧରି କରି ଘିନୁଆକୁ ସେମାନେ ଏବେ ରହୁଥିବା ଜଂଗଲକୁ ନେଇଗଲେ । ମୁରାମ୍ ତା ପାଇଁ ପ୍ରତିଦିନ କିଛି ନା କିଛି ଖାଦ୍ୟ ଆଣି ଦେଇଗଲା । ସେ ଆପାତତଃ ଭଲରେ ଭଲରେ ରହିପାରିଲା । ଏବେ ସେ ବୁଝିଗଲା ଏକତା ଆଉ ସହଯୋଗ ଜୀବନ ଧାରଣ କରିବା ପାଇଁ ନିହାତି ଜରୁରୀ । ସେ କରିଥିବା ଭୁଲ ପାଇଁ ଏବେ ପ୍ରାୟଶ୍ଚିତ କରିବାକୁ ଲାଗିଲା ।

+ଅଂଗାରଗଡିଆ, ବାଲେଶ୍ୱର -୧
ମୋ- ୭୯୭୮୮୬୦୩୬୩

ବୁଦ୍ଧ ମନ୍ଦିରରେ ଶ୍ରୀମଦ୍ ବଳିଆଙ୍କୁ ନାଗରିକ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୫/୦୩ (ନି.ପ୍ର): ବିଶିଷ୍ଟ ଧର୍ମଗୁରୁ, ସଂସ୍କାରକ ତଥା ପ୍ରକୃତି ମିତ୍ର ଶ୍ରୀମଦ୍ ବାବା ବଳିଆଙ୍କୁ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ପ୍ରଦାନ ଅବସରରେ ମହାବୋଧି ସୋସାଇଟି, ଓଡ଼ିଶା ଶାଖା ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ସଭାପତି ଡଃ ବିମଳେନ୍ଦୁ ମହାନ୍ତିଙ୍କ ପୌରହିତ୍ୟରେ ମହା ସମାରୋହରେ ପାଳିତ ହୋଇଯାଇଛି।

କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବାବା କହିଲେ ଯେ, ଭଗବାନ ବୁଦ୍ଧଙ୍କ ପବିତ୍ର ବୃକ୍ଷ ବୋଧିଦ୍ରୁମଠାରେ ପହଂଚି ମୁଁ ନିଜକୁ ଧନ୍ୟ ମନେ କରୁଛି। ଭଗବାନ ତଥାଗତ ବୁଦ୍ଧଙ୍କ ପ୍ରଦତ ବାଣୀ ବିଶ୍ୱ ପାଇଁ ସବୁବେଳେ ମଙ୍ଗଳମୟ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତ ସାଧୁସନ୍ଥମାନେ ପରାମାତ୍ମାଙ୍କୁ ପ୍ରାର୍ଥନା କରିବାକୁ ବାବା ଆହ୍ୱାନ ଦେଇଥିଲେ।

ବିଶିଷ୍ଟ ଅତିଥି ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ବାବାଙ୍କୁ ସମ୍ବର୍ଦ୍ଧିତ କରି କହିଲେ ଯେ, ବାବା ସମାଜ ସୁଧାର ପାଇଁ ଧର୍ମ ସହ ବିଜ୍ଞାନକୁ ସଂଯୋଗ କରି ସମାଜକୁ ଏକ ନୂତନ ବା ି ଦେଉଛନ୍ତି। ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ କହିଲେ ଯେ, ଗଣତନ୍ତ୍ର ଜ୍ଞାନଯଜ୍ଞ ଭଳି ଏକ ଅଭିନବ ପରିକଳ୍ପନା ବାବା ୨୦୦୭ ମସିହାରେ କରି ଗୋଟିଏ ମ ରେ ବିଭିନ୍ନ ରାଜନୈତିକ ଦଳକୁ ବସାଇ ପାରିଥିଲେ। ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପୂର୍ବତନ କୁଳପତି ଡଃ ହରେକୃଷ୍ଣ ଶତପଥୀ କହିଲେ ଯେ, ବାବା ସମନ୍ୱୟବାଦୀ ସନ୍ଥ। ବାବା ସର୍ବଧର୍ମ ସମନ୍ୱୟର ପ୍ରତୀକ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବୋଧିର କେନ୍ଦ୍ରୀୟ ଉପସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣ ଦେବା ପରେ ବାବାଙ୍କୁ ଉତରୀୟ ଓ ଭଗବାନ ବୁଦ୍ଧଙ୍କ ଫଟୋଚିତ୍ର ସହ ଅନୁଷ୍ଠାନର ସମ୍ପାଦକ ଡଃ ସୌରେନ୍ଦ୍ର କୁମାର ମହାପାତ୍ର ସମ୍ବର୍ଦ୍ଧିତ କରିଥିଲେ। କଳିଙ୍ଗ ଟ୍ରଷ୍ଟ ପକ୍ଷରୁ ଡଃ ବଦ୍ରୀନାଥ ପଟ୍ଟନାୟକ, ହାପି ଲିଭିଂ ଫାଉଣ୍ଡେସନ ପକ୍ଷରୁ ବାସୁବିତ ଡଃ ମନୋଜ ଲେଙ୍କା, ମହତାବ ଏକାଡ଼େମୀ ପକ୍ଷରୁ ସମାଜସେବୀ ପାରେଶ୍ୱର ଖଣ୍ଡାୟତରାୟ, ବିଶିଷ୍ଟ ବୁଦ୍ଧିଜୀବୀ ଗୋପାଳକୃଷ୍ଣ ମହାପାତ୍ର, ମହାତ୍ମା ଗାନ୍ଧୀ ଟ୍ରଷ୍ଟ ପକ୍ଷରୁ ଡଃ ବୁଦ୍ଧଦେବ ମିଶ୍ର, ଆର୍ଯ୍ୟସମାଜ ଓଡ଼ିଶା ପକ୍ଷରୁ ଇଂ ବିବେକାନନ୍ଦ ପାତ୍ର, ଓଡ଼ିଶା ପ୍ରଦେଶ କଂଗ୍ରେସର ବରିଷ୍ଠ ନେତା ଜ୍ଞାନଦେବ ବେଉରା, ଭୁବନେଶ୍ୱର ବାର୍ ସଦସ୍ୟ ଶାନ୍ତନୁ କୁମାର ସାହୁ, ଓଡ଼ିଶା ମହିଳା ବୁଦ୍ଧିଜୀବୀ ମଂଚ ପକ୍ଷରୁ ଡଃ ମଧୁସ୍ମିତା ସାହୁ, ମିଡ଼ିଆ ଏକାଡ଼େମୀ ପକ୍ଷରୁ ପ୍ରଜ୍ଞାରାଜ ପ୍ରଧାନ ଓ ପୁଷ୍ପରାଜ ପ୍ରଧାନ ପ୍ରମୁଖ ଉ ରୀୟ, ଫୁଲତୋଡ଼ା ଦେଇ ବାବାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଡଃ ଅସିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୁଦ୍ଧମନ୍ଦିରର କୋଷାଧ୍ୟକ୍ଷ ନବୀନ କୁମାର ସାହୁ, ଡଃ ଅସିତ ମହାନ୍ତି, ଯୋଗଗୁରୁ ନାରାୟଣ ଚନ୍ଦ୍ର ନନ୍ଦ, ଆଶ୍ରମ ପକ୍ଷରୁ ରାଜୁଭାଇ, ସ୍ୱାମୀ ଡଃ ଚିଦାନନ୍ଦ, ଯୁବ ପ୍ରବଚକ ଗୋପାଳ ଦାସ, ମନୁଭାଇ ଓ ମଂଟୁ ଭାଇ ପ୍ରମୁଖ ଉପସ୍ଥିତ ଥିଲେ।

ନୂଆଦିଲ୍ଲୀସ୍ଥିତ 'ଓଡ଼ିଆ ସମାଜ' ପକ୍ଷରୁ ଆୟୋଜିତ ହେବ ଅନ୍ତର୍ଜାତୀୟ ଓଡ଼ିଶା ପର୍ବ

ଭୁବନେଶ୍ୱର ,୨୫/୦୩ (ନି.ପ୍ର): ନୂଆଦିଲ୍ଲୀସ୍ଥିତ 'ଓଡ଼ିଆ ସମାଜ' ପକ୍ଷରୁ ଆସନ୍ତା ୨୬ ଓ ୨୭ ତାରିଖରେ ଭର୍ଚୁଆଲ୍ ମାଧ୍ୟମରେ ଆୟୋଜିତ ହେବ 'ଅନ୍ତର୍ଜାତୀୟ ଓଡ଼ିଶା ପର୍ବ-୨୦୨୨'। ଏହି ଦୁଇଦିନିଆ ସାଂସ୍କୃତିକ ମହାକୁମ୍ଭ ଓଡ଼ିଶାର ଅନନ୍ୟ କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ପ୍ରଦର୍ଶିତ କରିବ। ୨୬ ମାର୍ଚ୍ଚ ଶନିବାର ସନ୍ଧ୍ୟା ସାଢ଼େ ୬ଟାରେ ନୂଆଦିଲ୍ଲୀସ୍ଥିତ କମାନି ଅଡିଟୋରିୟମଠାରେ ଭର୍ଚୁଆଲ ଅନ୍ତର୍ଜାତୀୟ ଓଡ଼ିଶା ପର୍ବ-୨୦୨୨କୁ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିବେ। ପ୍ରଖ୍ୟାତ ଔପନ୍ୟାସିକା ପ୍ରତିଭା ରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। 'ଭର୍ଚୁଆଲ ଅନ୍ତର୍ଜାତୀୟ ଓଡ଼ିଶା ପର୍ବ ୨୦୨୨'ରେ ଓଡ଼ିଶାର ଅନନ୍ୟ କଳା, ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଭାରତ ସମେତ ଆମେରିକା, କାନାଡା, ଅଷ୍ଟ୍ରେଲିଆ, ତାଞ୍ଜାନିଆ, ରୁଷ, ୟୁଏଇ ଭଳି ରାଷ୍ଟ୍ରର ଲୋକଙ୍କ ନିକଟରେ ପହଞ୍ଚାଇବ। ଏ ସମ୍ପର୍କରେ 'ଓଡ଼ିଆ ସମାଜ'ର ସଭାପତି ସିଦ୍ଧାର୍ଥ ପ୍ରଧାନ କହିଛନ୍ତି, ଚଳିତ ବର୍ଷ 'ଓଡ଼ିଶା ପର୍ବ'ରେ ଆକର୍ଷଣୀୟ ଓ ମନ ମୁଗ୍ଧକର ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବିଶିଷ୍ଟ ବ୍ୟକ୍ତି, ଉଦ୍ୟୋଗୀ ଓ ଅସାଧାରଣ ପ୍ରତିଭା ସମ୍ପନ୍ନ କଳାକାରଙ୍କ ପ୍ରେରଣାଦାୟୀ ସାକ୍ଷାତକାର ସହିତ ଓଡ଼ିଶାର ଅନନ୍ୟ ଓ ନିଆରା ରୂପକୁ ଉପସ୍ଥାପନ କରାଯିବ। ଏଥିରେ 'ଓଡ଼ିଆ ସମାଜ' ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଓଡ଼ିଶାର ଅବିସ୍ମରଣୀୟ ପ୍ରାଣସ୍ୱରୂପ ସମୃଦ୍ଧ ଇତିହାସ, ସଂସ୍କୃତି, ପର୍ଯ୍ୟଟନ ସମ୍ପର୍କିତ ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ଚଳିତ ବର୍ଷ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ଶ୍ୟାମାମଣି ଦେବୀ, ଜୀବବିଜ୍ଞାନୀ ଆଦିତ୍ୟ ପ୍ରସାଦ ଦାସ, ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ, ବାବା ବଳିଆ ଓ ନରସିଂହ ପ୍ରସାଦ ଗୁରୁ ନିଜର ଅନୁଭୂତି ଏହି ଭର୍ଚୁଆଲ ପ୍ଲାଟଫର୍ମରେ ଉପସ୍ଥାପନ କରିବେ। ଉଦ୍ୟୋଗୀ ସୁକୀର୍ତ୍ତି ପଟ୍ଟନାୟକ, ନୃତ୍ୟଶିଳ୍ପୀ ଅରୁନ୍ଧତୀ ଗଡ଼ନାୟକ ଓ ବାଇକ୍ ମୋଡିଫାୟର ଗଙ୍ଗା ପଟ୍ଟନାୟକ ଆଦି ଯୁବ ପ୍ରତିଭାଙ୍କର ସଫଳତାର କାହାଣୀ ଯୁବପିଢ଼ିଙ୍କୁ ପ୍ରେରଣା ଦେବ। ଆଗ୍ରହୀ ଶ୍ରୋତା ଓ ଦର୍ଶକମାନେ ମାର୍ଚ୍ଚ ୨୬ ଓ ୨୭ ତାରିଖ ସନ୍ଧ୍ୟା ସାଢ଼େ ୬ଟାରେ www.odishaparba.livର ମାଧ୍ୟମରେ ଭର୍ଚୁଆଲ୍ 'ଅନ୍ତର୍ଜାତୀୟ ଓଡ଼ିଶା ପର୍ବ'ର ଏହି ବିଶାଳ ବୈଶ୍ୱିକ କାର୍ଯ୍ୟକ୍ରମରେ ଯୋଗ ଦେଇପାରିବେ।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୫୫ କରୋନା ପଜିଟିଭ ଚିହ୍ନଟ: ୧୦ ଜଣ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୨୫/୦୩ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୫୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୨୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୧୦ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ବଲାଙ୍ଗୀର ଜିଲ୍ଲାରୁ ସର୍ବାଧିକ ୯ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତକାଲି ୩୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୩ ଜଣ, ବଲାଙ୍ଗୀର ଜିଲ୍ଲାରୁ ୯ ଜଣ, କଟକରୁ ୪ ଜଣ, ଦେବଗଡ଼ ଜିଲ୍ଲାରୁ ୧ ଜଣ, ଗଜପତି ଜିଲ୍ଲାରୁ ୬ ଜଣ, ଗଞ୍ଜାମ ଜିଲ୍ଲାରୁ ୨ ଜଣ, ଯାଜପୁରରୁ ୫ ଜଣ, ଖୋର୍ଦ୍ଧାରୁ ୬ ଜଣ, କୋରାପୁଟ ଜିଲ୍ଲାରୁ ୧ ଜଣ, ମୟୂରଭଞ୍ଜରୁ ୨ ଜଣ, ନୟାଗଡ଼ ଜିଲ୍ଲାରୁ ୧ ଜଣ, ସମ୍ବଲପୁର ଜିଲ୍ଲାରୁ ୬ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୮ ଜଣ ଓ ଷ୍ଟେଟପୁଲରୁ ୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

ଧଉଳି-କଳିଙ୍ଗ ମହୋତ୍ସବ ଉଦ୍‌ଯାପିତ

ଅନ୍ତିମ ସଂଧ୍ୟାର ନୃତ୍ୟରେ ଆଶାର କିରଣ, ବିଭୋବର ବାଣୀ ଓ ସମରକଳାର ପରାକାଷ୍ଠା

ଭୁବନେଶ୍ୱର,୨୫/୦୩ (ନି.ପ୍ର): ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଓଡ଼ିଶା ଡ଼୍ୟାନ୍ସ ଏକାଡ଼େମୀ ଓ ଆର୍ଟ ଭିଜନର ମିଳିତ ଉଦ୍ୟମରେ ଐତିହାସିକ ଧଉଳି ପାହାଡ଼ର ପାଦଦେଶରେ ଆୟୋଜିତ ୧୮ତମ ଧଉଳୀ କଳିଙ୍ଗ ମହୋତ୍ସବ ଉଦଯାପିତ ହୋଇଯାଇଛି। ଚଳିତ ବର୍ଷ ଓଡ଼ିଶା ଡ଼୍ୟାନ୍ସ ଏକାଡ଼େମୀ ଦ୍ୱାରା ପ୍ରଦତ ରୁଚି ବୁଦ୍ଧ ସମ୍ମାନ ୨୦୨୨ ବିଖ୍ୟାତ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ଼. ପ୍ରୀୟମ୍ବଦା ମହାନ୍ତି ହେଜମାଦୀଙ୍କୁ ପ୍ରଦାନ କରାଯାଇଥିଲା।

ଉଦ ଯାପନୀ ସଂଧ୍ୟାରେ ପ୍ରଥମେ ଭୁବନେଶ୍ୱରର କଲର୍ସ ଇନଷ୍ଟିଚ୍ୟୁଟର ପ୍ରମୋଦ କୁମାର ସାହୁ ଓ ସାଥୀଙ୍କ ଦ୍ୱାରା ତବଲା ବାଦନ ପରିବେଶଣ ହୋଇଥିଲା। ସେମାନଙ୍କ ପ୍ରସ୍ତୁତିରେ ଥିଲା ପାରମ୍ପାରିକ ତବଲା ବାଦନ ସହିତ ପେଶକର, ବିଭିନ୍ନ ପ୍ରକାରର କାୟଦା, ଜତି, ଗତ୍, ରେଲା, ଟୁକ୍ରା, ଚକ୍ରଧର ଏବଂ ତବଲା ବାଦନର ବିଭିନ୍ନ ପାରମ୍ପାରିକ ଶୈଳୀ।

ସଂଧ୍ୟାର ଦ୍ୱିତୀୟ ପରିବେଷଣ ଥିଲା ଓଡ଼ିଶା ଡ଼୍ୟାନ୍ସ ଏକାଡ଼େମୀର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ। ସେମାନେ କଟକ ସ୍ଥିତ ବଡ଼ ମେଡ଼ିକାଲ କଲେଜ ଉପରେ ଆଧାରିତ ଆଶାର କିରଣ ଓଡ଼ିଶୀ ନୃତ୍ୟାଭିନୟ ଉପସ୍ଥାପନ କରିଥିଲେ। ସାରା ରାଜ୍ୟର ଅସୁସ୍ଥତା ନାମକ ଅନ୍ଧକାରକୁ କଟକ ବଡ଼ ମେଡ଼ିକାଲ କଲେଜ ଆଶାର ଆଲୋକ ପ୍ରଦାନ କରିଥାଏ ଏବଂ ଏହି ପ୍ରତିକୂଳ ପରିସ୍ଥିତିରେ ମଣିଷଙ୍କ ମଧ୍ୟରେ ବଂଚିବାର ଆଶାକୁ ଉଜ୍ଜିବିତ କରିଥାଏ । ନୃତ୍ୟଟି ଅତ୍ୟନ୍ତ ସୁନ୍ଦର ଉପସ୍ଥାପନ ଓ ସୂଚନାପୂର୍ଣ୍ଣ ଥିଲା ଯାହାକୁ ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି ନିଜେ ସଂକଳ୍ପିତ ଓ ନୃତ୍ୟ ସଂରଚନା କରିଥିଲେ ।

ଉଦଯାପନୀ ସଂଧ୍ୟାର ଅନ୍ତିମ ଉପସ୍ଥାପନା ଥିଲା ମଣିପୁରର ହୁଏନ୍ ଲାଲଙ୍ଗ ମଣିପୁର ଥାଙ୍ଗ-ତା ସାଂସ୍କୃତିକ ଅନୁଷ୍ଠାନର ଜି.ବିସେଶ୍ୱର ଶର୍ମା ଓ ସାଥୀଙ୍କ ଦ୍ୱାରା ସମରକଳା ନୃତ୍ୟ ଥାଙ୍ଗ୍-ତା । ସେମାନଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ଥାଙ୍ଗ ଲାଇଟେଙ୍ଗ୍ ହାଇବା - ଯୁଦ୍ଧ ସମୟରେ ଦୁଇଟି ଖଣ୍ଡା କିମ୍ବା ଗୋଟିଏ ଖଣ୍ଡା ଏବଂ ଢାଲ ଧରି ଲଢିବା ପରେ ପରେ ତାଙ୍କ ପ୍ରସ୍ତୁତିରେ ଥିଲା ଥାଙ୍ଗ୍-ତା ଚନିବା ଯାହାର ଅର୍ଥ ବର୍ଛା ଏବଂ ଖଣ୍ଡାଧାରୀ ସହିତ ଲଢିବା । ସେମାନଙ୍କର ପରବର୍ତୀ ପ୍ରସ୍ତୁତିଟି ଥିଲା ଚେରୋଲ୍ ଜାଗୋଇ ଯାହାର ଅର୍ଥ ବାଡ଼ି ନୃତ୍ୟ। ବିଭିନ୍ନ ପ୍ରକାରର ୩ଟି ବାଡ଼ି ଧରି ନୃତ୍ୟ କୌଶଳ ଦେଖାଇ ଦର୍ଶକଙ୍କୁ ଆକର୍ଷିତ କରିବା । ପରେ ପରେ ପ୍ରସ୍ତୁତ ହୋଇଥିଲା ଥାଙ୍ଗ ଚୁଙ୍ଗୋଇ ୟାନ୍ନାବା ଅର୍ଥ ଢାଲ ସହିତ ଖଣ୍ଡାର ଯୁଦ୍ଧ । ପରବର୍ତୀ ପ୍ରସ୍ତୁତିଟି ଥିଲା ତାଙ୍ଗଯୋଅନି ୟାନ୍ନାବା ଯାହାର ଅର୍ଥ ହେଉଛି ଦୁଇ ଜଣ ଖଡ୍ଗଧାରୀଙ୍କ ଯୁଦ୍ଧ । ପରେ ପରେ ପ୍ରସ୍ତୁତ ହୋଇଥିଲା ଥାବି କାକପା ଅର୍ଥାତ କାକୁଡ଼ି କାଟିବା ଏବଂ ସେମାନଙ୍କର ଅନ୍ତିମ ପ୍ରସ୍ତୁତିଟି ଥିଲା ଥାଙ୍ଗ ଅହମ୍ ୟାନ୍ନାବା ଅର୍ଥାତ୍ ଦୁଇଜଣଙ୍କ ବିରୁଦ୍ଧରେ ତୃତୀୟଜଣଙ୍କର ଯୁଦ୍ଧ । ନୃତ୍ୟଶିଳ୍ପୀଙ୍କ ଶକ୍ତିଶାଳୀ ଓ ଦକ୍ଷ ପ୍ରଦର୍ଶନ ଦର୍ଶକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା ।

ଉଦଯାପନୀ ସନ୍ଧ୍ୟାରେ ଅତିଥି ଭାବରେ ଯୋଗଦେଇଥିଲେ ଓଡ଼ିଶା ହାଇକୋର୍ଟର ପ୍ରଧାନ ବିଚାରପତି ଡ଼କୁର ଜଷ୍ଟିସ୍ ଏସ୍ ମୁରଲିଧର ; ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ଆର. ବାଲାକ୍ରୀଷ୍ଣନନ୍; ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର; ପର୍ଯ୍ୟଟନ ବିଭାଗର ଯୁଗ୍ମ ଶାସନ ସଚିବ ପୂଜା ମିଶ୍ର; ଓଡ଼ିଶା ଡ଼୍ୟାନ୍ସ ଏକାଡ଼େମୀର ସଭାପତି ସତ୍ୟାନନ୍ଦ ମିଶ୍ର; ଓଡ଼ିଶା ଡ଼୍ୟାନ୍ସ ଏକାଡ଼େମୀର ସଚିବ ଗୁରୁ ଅରୁଣା ମହାନ୍ତି ଏବଂ ଆର୍ଟ ଭିଜନ୍ ର ସଚିବ ଇଲିୟାନା ସିତାରିଷ୍ଟ । କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼. ଇ. ଶ୍ରୀନିବାସ ଘଟୁଆରୀ ଏବଂ ତାରିଣୀ ତନୁଜା ମିଶ୍ର । ଏହି ନୃତ୍ୟ କାର୍ଯ୍ୟକ୍ରମଟିର ସିଧାପ୍ରସାରଣ ଡ଼ିଡ଼ି-ଭାରତୀ ଏବଂ ଲାଇଭ୍ ଷ୍ଟ୍ରିମିଂ ଓଡ଼ିଶା ପର୍ଯ୍ୟଟନ ସୋସିଆଲ ମିଡ଼ିଆରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ଦ୍ୱାରା କରାଯାଉଥିଲା ।

କେଜି ପ୍ରତି ୩୫ ଟଙ୍କାରେ ତେନ୍ତୁଳି କ୍ରୟ ପାଇଁ ନିର୍ଦ୍ଦେଶ: ଜାରି ହେଲା ମାର୍ଗଦର୍ଶିକା

ଭୁବନେଶ୍ୱର ,୨୫/୦୩ (ନି.ପ୍ର): ମଞ୍ଜି ସହିତ ତେନ୍ତୁଳିକୁ କେଜି ପ୍ରତି ୩୫ ଟଙ୍କା, ବିନା ମଞ୍ଜିରେ ୬୩ ଟଙ୍କାରେ ସଂଗ୍ରହ କରାଯିବ। ଏନେଇ ୧୨ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ମାର୍ଗଦର୍ଶିକା ଦେଇଛି ଜନଜାତି ବିକାଶ ସମବାୟ ନିଗମ। ଯେଉଁ ସ୍ଥାନରେ ଏମଏସପିରୁ କମ ଦରରେ ତେନ୍ତୁଳି କ୍ରୟ କରାଯାଉଛି ସେ ସମ୍ପର୍କରେ ନିଗମର ଦୃଷ୍ଟି ଆକର୍ଷଣ କରାଗଲେ ପଦକ୍ଷେପ ସହିତ ଏହାକୁ ରଖିବା ପାଇଁ ଷ୍ଟୋରେଜର ବ୍ୟବସ୍ଥା କରାଯିବ ବୋଲି କୁହାଯାଇଛି।

ସୂଚନା ଅନୁଯାୟୀ, ୫୬ଟି ଲଘୁବନଜାତ ଦ୍ରବ୍ୟର ଏମଏସପି ଘୋଷଣା ସହିତ ସଂଗ୍ରହର ବ୍ୟବସ୍ଥା ରହିଛି। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ କେବଳ ଅଧିକ ଚାହିଦା ଥିବା ତେନ୍ତୁଳି, ମହୁଲ କିମ୍ବା କିଛି କିଛି ବର୍ଷ ଶାଳ ମଞ୍ଜି କ୍ରୟକୁ ଗୁରୁତ୍ୱ ଦିଆଯାଏ। ବ୍ୟାପକ ଭାବରେ ଉତ୍ପାଦନ ହେଉଥିବା ନୂଆପଡ଼ା, ଭବାନୀପାଟଣା, ରାୟଗଡ଼ା, ନବରଙ୍ଗପୁର ଜିଲ୍ଲାର ଉମରକୋଟ, କୋରାପୁଟ ଜିଲ୍ଲାର ସୁନାବେଡ଼ା, ମାଲକାନଗିରି, ସୁନ୍ଦରଗଡ଼, ମୟୂରଭଞ୍ଜ ଜିଲ୍ଲାର ଉଦଳା, କେନ୍ଦୁଝର, ଲହୁଣିପଡ଼ା, ଗଜପତି ଜିଲ୍ଲାର ଆ.ି ଉଦୟଗିରି, କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା, ସମ୍ବଲପୁରରେ ସଂଗ୍ରହ କରାଯାଉଛି। ଏସଏଚଜି, ପିପିଏ ଜରିଆରେ ଏହାର ସଂଗ୍ରହ କରାଯିବା ପାଇଁ କୁହାଯାଇଛି। ଏଥିରେ ନଗଦ ବଦଳରେ ସିଧାସଳଖ ସଂଗ୍ରହକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରାପ୍ୟ ପ୍ରଦାନ କରାଯିବା ପାଇଁ କୁହାଯାଇଛି। ରାଜ୍ୟ ସରକାର ସଂଗ୍ରହ କରୁଥିବା ତେନ୍ତୁଳିର ବଡ଼ ଗ୍ରାହକ ହେଲେ ଦକ୍ଷିଣ ଭାରତର ଅନେକ ବ୍ୟବସାୟୀ। ଓଡ଼ିଶା ସରକାର ଏଥିରୁ ଭଲ ଉପାର୍ଜନ କରିଥାଆନ୍ତି।

୨୮ ଓ ୨୯ ସାଧାରଣ ଧର୍ମଘଟକୁ ସିପିଆଇର ସମର୍ଥନ

ଭୁବନେଶ୍ୱର,୨୫/୦୩ (ନି.ପ୍ର): ଶହ ଶହ ବର୍ଷର ସଂଗ୍ରାମ ଫଳରେ ଭାରତବର୍ଷର ଶ୍ରମିକଶ୍ରେଣୀ ଯେଉଁ ୪୪ଟି ଶ୍ରମ ଆଇନ ହାସଲ କରିଥିଲା ତାକୁ ବାତିଲ କରି କେନ୍ଦ୍ରର ବିଜେପି ସରକାର ମାଲିକ ସପକ୍ଷବାଦୀ ଶ୍ରମିକ ଓ କର୍ମଚାରୀ ବିରୋଧୀ ୪ଟି କଳା ଶ୍ରମ କୋଡ୍ ପ୍ରବର୍ତନ କରିବା; ଇପିଏଫ ସୁଧ ହାର ହ୍ରାସ କରିବା, ରାଷ୍ଟ୍ରାୟତ ସଂସ୍ଥାମାନଙ୍କର ଘରୋଇକରଣ, ବ୍ୟାଙ୍କ ଓ ବୀମା କ୍ଷେତ୍ରରେ ଦେଶୀ-ବିଦେଶୀ ଘରୋଇ ପୁଞ୍ଜିକୁ ପ୍ରୋତ୍ସାହନ ଏବଂ ଟ୍ରେଡ ୟୁନିୟନ ଅଧିକାରକୁ ସଂକୁଚିତ କରିବା ବିରୋଧରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ସଂଗଠନମାନେ ଆସନ୍ତା ମାର୍ଚ୍ଚ ୨୮ ଓ ୨୯ରେ ଦେଶବ୍ୟାପୀ ସାଧାରଣ ଧର୍ମଘଟର ଯେଉଁ ଡାକରା ଦେଇଛନ୍ତି, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତାକୁ ପୂର୍ଣ୍ଣ ସମର୍ଥନ ଘୋଷଣା କରିଛି। ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ଏକ ପ୍ରେସ୍ ବିବୃତିରେ କହିଛନ୍ତି– ସେମାନଙ୍କର ଦାବି କେବଳ ଶ୍ରମିକ ଓ କର୍ମଚାରୀମାନଙ୍କର ନୁହେଁ, ସମସ୍ତ ଖଟିଖିଆ ଓ ମଧ୍ୟବିତ ଜନସାଧାରଣଙ୍କର ଦାବି ଏବଂ ଏହା ଦେଶର ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ। ଏଣୁ ୨୮ ଓ ୨୯ ଦୁଇଦିନ ସିପିଆଇର ସମସ୍ତ ଜିଲ୍ଲା, ଅଞ୍ଚଳ ଓ ଶାଖା କମିଟିମାନଙ୍କ ସହ ସମସ୍ତ ସଭ୍ୟ ଓ ସମର୍ଥକ ଏଥିରେ ସାମିଲ ହେବେ। ରାଜ୍ୟବାସୀ ଏହି ଧର୍ମଘଟକୁ ସଫଳ କରାଇବା ପାଇଁ ଶ୍ରୀ କାନୁନ୍‌ଗୋ ନିବେଦନ କରିଛନ୍ତି।

ଓଡ଼ିଶାରେ କରୋନା ମୁକାବିଲା ପାଇଁ ୫ କୋଟିରୁ ଅଧିକ ଟିକା ଦିଆଗଲାଣି : ରାଜ୍ୟପାଳ

ଭୁବନେଶ୍ୱର,୨୫/୦୩ (ନି.ପ୍ର): ବିଧାନସଭାର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି

ସର୍ବସାଧାରଣ ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବାଲେଶ୍ୱର ଜିଲ୍ଲାର ବସ୍ତା ଥାନା ନଂ ୨୧୧ ଅନ୍ତର୍ଗତ ଯଶୋଦା ମୌଜାରେ ନିମ୍ନ ତହସିଲ ଭୁକ୍ତ ଜମି ଗୁଡ଼ିକ ଅନ୍ତର୍ଭୁକ୍ତ ଅଟେ । ନିମ୍ନ ଜମିକୁ ଆମ୍ଭ ମହକିଲ କ୍ରୟ କରିବା ସକାଶେ ପ୍ରସ୍ତାବ କରି ସମ୍ପୃକ୍ତ ଜମି ମାଲିକଙ୍କ ସହମତି କ୍ରମେ ନିଜ ଅଧିନକୁ ଆଣିବାକୁ ଚାହୁଁଛନ୍ତି । ପ୍ରସ୍ତାବିତ ଜମିର ମାଲିକାନା ସହ ସେମାନେ ଦଖଲକାରୀ ଓ ତାଙ୍କ ନାମରେ ପଟା ରହିଛି । ଏଣୁ ଆଇନଗତ ଭାବେ ସେମାନେ ଜମିର ମାଲିକ ଓ ଦଖଲକାରୀ ଅଟନ୍ତି । ସେମାନେ ନିଶ୍ଚିତ କରିଛନ୍ତି ଯେ ନିମ୍ନୋକ୍ତ ଜମିର ସତ୍ୱାଧିକାରୀ ଭାବେ ଜମି ବିକ୍ରୟ କରିବା ସେମାନଙ୍କର ସଂପୂର୍ଣ୍ଣ ଆଇନଗତ ଅଧିକାର ରହିଥିବାରୁ ତାହାର ସ୍ଥାନାନ୍ତର କରିବାର କ୍ଷମତା ସେମାନଙ୍କର ମଧ୍ୟ ରହିଛି । ସେମାନେ ମୋର ମହକିଲଙ୍କୁ ବିକ୍ରୟ ବା ସ୍ଥାନାନ୍ତର କରିବାର ରାଜି ହୋଇଛନ୍ତି । ଏଣୁ ଯଦି କୌଣସି ବ୍ୟକ୍ତିଙ୍କର ଏଥିରେ କୌଣସି ଦାବି, ଅଧିକାର, ଆପତ୍ତି ଓ ଅଭିଯୋଗ ଥାଏ ତେବେ ସେମାନେ ଏହି ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ ତାଙ୍କର ଲିଖିତ ଅଭିଯୋଗ ଦାଖଲ କରିପାରିବେ ।

ଏହି ବିଜ୍ଞପ୍ତି ଅନୁଯାୟୀ ଅଭିଯୋଗକାରୀ ତାଙ୍କର ଦାବି ପ୍ରମାଣପତ୍ର ସହ ମୋ ନିକଟରେ ଉପସ୍ଥାପନ କରିପାରିବେ । ନଚେତ୍ ମୋର ମହକିଲ ମନେ କରିବେ ଯେ ସମ୍ପତ୍ତିଟି ସମସ୍ତ ବାଦବିବାଦରୁ ମୁକ୍ତ ଅଟେ ଏବଂ ଉକ୍ତ ସମ୍ପତ୍ତିର କାହାର କୌଣସି ଅଧିକାର ନାହିଁ । ଏହା ପରେ ଯଦି କୌଣସି ଆପତ୍ତି ଉଠାଯାଏ ଆମ୍ଭ ମହକିଲ କୌଣସି ପ୍ରକାରେ ଦାୟୀ ରହିବେ ନାହିଁ ।

ସ୍ଥାନ- ବାଲେଶ୍ୱର
ତାରିଖ: ୨୬/୩/୨୦୨୨

ଏସ/ଡି- ଭାଗୀରଥି ବାରିକ
ଏକ୍ସ - ସ୍ପେଶାଲ ଜଜ୍ ମାଜିଷ୍ଟ୍ରେଟ୍, ଓକିଲ
ମାନସିଂ ବଜାର, ମୋତିଗଂଜ, ବାଲେଶ୍ୱର
ମୋ: ୭୯୭୮୮୩୧୭୧୮

ଜମିର ବିବରଣୀ:-

ସର୍ଭେ ନଂ	ଚକ ନଂ	ପ୍ଲଟ ନଂ	ମାଲିକମାନଙ୍କର ନାମ	ଏରିଆ	
				ଏକର	ଡିସିମିଲ
୨୧୧	୧	୧	ଆଦିତ୍ୟ ବଲ୍ଲଭ ନାୟକ	୭	୪୯
୨୧୧	୨	୨	ଚକ୍ରଧର ପରିଡ଼ା	୦	୬୦
୨୧୧	୩	୩	ସୋମନାଥ ଦଣ୍ଡପାଟ	୦	୩୮
୨୧୧	୪	୪	ଦାମୋଦର ବାରିକ	୦	୫୯
୨୧୧	୫	୫	ସୀତାରାମ ମହାଳିକ	୧	୬୩
୨୧୧	୬	୬	ନରେନ୍ଦ୍ର ନାଥ ଦାସ	୦	୧୩
୨୧୧	୭	୭	ଚାନ୍ଦକିଶୋର ଆଢ଼୍ୟ ଏବଂ ଅନ୍ୟମାନେ	୦	୧୩
୨୧୧	୮	୮	ଦିଲ୍ଲୀପ କୁମାର ପଣ୍ଡା ଏବଂ ଅନ୍ୟମାନେ	୦	୫୧
୨୧୧	୯	୯	ମନ୍ଦୋଦରୀ ରଣା	୦	୬୪
୨୧୧	୧୦	୧୦	ରମାକାନ୍ତ ରାଉଳ	୦	୭୭
୨୧୧	୧୧	୧୧	ଦାମୋଦର ପଣ୍ଡା	୦	୯୦
୨୧୧		୧୪	ପୂର୍ଣ୍ଣଚନ୍ଦ୍ର ପରିଡ଼ା ଏବଂ ଅନ୍ୟମାନେ	୦	୩୦
୨୧୧	୧୩	୧୫	ରାଧାକୃଷ୍ଣ ପ୍ରଧାନ	୧	୦୮
୨୧୧	୧୪	୧୬	ଚକ୍ରଧର ପ୍ରଧାନ	୧	୪୮
୨୧୧	୧୫	୧୭	ଆଦିକନ୍ଦ ନାୟକ	୦	୯୯
୨୧୧	୧୬	୧୮	ରଘୁନାଥ ପ୍ରଧାନ	୦	୮୪
୨୧୧	୧୭	୧୯	ବାଇଧର ଗିରି	୧	୨୫
୨୧୧	୧୮	୨୦	ଭୋଳାନାଥ ପାତ୍ର	୧	୬୯
୨୧୧	୧୯	୨୧	ସୀତାରାମ ମହାଳିକ	୧	୭୭
୨୧୧	୨୦	୨୨	ପୂର୍ଣ୍ଣଚନ୍ଦ୍ର ମହାପାତ୍ର	୦	୩୪
୨୧୧	୨୧	୨୩	ପୁରୀ ରାଉତ	୦	୭୦
୨୧୧	୨୨	୨୪	କମଳାମଣୀ ବେହେରା	୦	୪୬
୨୧୧	୨୩	୨୫	ଅଙ୍କୁରଚନ୍ଦ୍ର ବେହେରା	୦	୩୯
୨୧୧	୨୪	୨୬	ଘନଶ୍ୟାମ ପ୍ରଧାନ ଏବଂ ଅନ୍ୟମାନେ	୦	୫୦
୨୧୧	୨୫	୨୭	ମଧୁସୂଦନ ବେହେରା ଏବଂ ଅନ୍ୟମାନେ	୦	୫୩
୨୧୧	୨୬	୨୮	ଶ୍ରୀକାନ୍ତ ଦଳାଇ	୦	୭୭
୨୧୧	୨୭	୨୯	ଶଶୀକାନ୍ତ ଦଳାଇ	୦	୩୮
୨୧୧	୨୮	୩୦	ଅନନ୍ତ କୁମାର ବେହେରା	୦	୬୦
୨୧୧	୨୯	୩୧	ନାରାୟଣ ବେହେରା ଏବଂ ଅନ୍ୟମାନେ	୦	୪୦
୨୧୧	୩୦	୩୨	ହରେକୃଷ୍ଣ ମହାପାତ୍ର	୦	୪୯
୨୧୧	୩୧	୩୩	ଶ୍ୟାମସୁନ୍ଦର ନାୟକ ଏବଂ ଅନ୍ୟମାନେ	୦	୬୭
୨୧୧	୩୨	୩୪	ଭଗବାନ ନାୟକ ଏବଂ ଅନ୍ୟମାନେ	୦	୭୪
୨୧୧	୩୩	୩୫	ସନାତନ ସେଠୀ	୦	୯୨
୨୧୧	୩୪	୩୬	ରମାକାନ୍ତ ନାୟକ ଏବଂ ଅନ୍ୟମାନେ	୦	୭୪
୨୧୧	୩୫	୩୭	ରବୀନ୍ଦ୍ର ନାରାୟଣ ପରିଡ଼ା	୦	୩୭
୨୧୧	୩୬	୩୮	ବିଜୟ କୁମାର ଦଳାଇ ଏବଂ ଅନ୍ୟମାନେ	୦	୩୫
୨୧୧	୩୭	୩୯	ରାଜୁ ବେହେରା	୦	୩୭
୨୧୧	୩୮	୪୦	ଗୌରହରୀ ସାହୁ ଏବଂ ଅନ୍ୟମାନେ	୧	୨୮
୨୧୧	୩୯	୪୧	ଦାମୋଦର ପଣ୍ଡା	୩	୮୩
୨୧୧	୪୦	୪୨	ଲକ୍ଷ୍ମୀଧର ପଣ୍ଡା	୦	୬୨
୨୧୧	୪୧	୪୩	ମଞ୍ଜୁଲତା ପ୍ରଧାନ	୦	୪୫
୨୧୧	୪୨	୪୪	କାର୍ତ୍ତିକ ଚନ୍ଦ୍ର ପ୍ରଧାନ	୦	୪୫
୨୧୧	୪୩	୪୫	କାର୍ତ୍ତିକ ବଢ଼େଇ	୦	୨୮
୨୧୧	୪୪	୪୬	ଶିଶିର କୁମାର ନାୟକ ଏବଂ ଅନ୍ୟମାନେ	୦	୩୬
୨୧୧	୪୫	୪୭	ଶାନ୍ତିଲତା ବେହେରା	୦	୨୩
୨୧୧	୪୬	୪୮	ବାଇଧର ବେହେରା	୦	୫୫
୨୧୧	୪୭	୪୯	ଚକ୍ରଧର ବେହେରା	୦	୮୦
୨୧୧	୪୮	୫୦	ଶ୍ରୀକାନ୍ତ ମହାଳିକ	୧	୦୬
୨୧୧	୪୯	୫୧	ଶତ୍ରୁଘନ ବାରିକ	୦	୬୬
୨୧୧	୫୦	୫୨	ସନାତନ ସେଠୀ	୧	୨୧
୨୧୧	୫୧	୫୩	ହରେକୃଷ୍ଣ ବେହେରା ଏବଂ ଅନ୍ୟମାନେ	୦	୩୨
୨୧୧	୫୨	୫୪	ପୂର୍ଣ୍ଣଚନ୍ଦ୍ର ପରିଡ଼ା ଏବଂ ଅନ୍ୟମାନେ	୦	୨୩
୨୧୧	୫୩	୫୫	ବେଣୁଧର ପଣ୍ଡିତ ଏବଂ ଅନ୍ୟମାନେ	୦	୮୮
୨୧୧	୫୪	୫୬	ଅଜିତ କୁମାର ପ୍ରଧାନ ଏବଂ ଅନ୍ୟମାନେ	୦	୪୦
୨୧୧	୫୫	୫୭	ଜଳଧର ବେହେରା ଏବଂ ଅନ୍ୟମାନେ	୦	୯୭
୨୧୧	୫୭	୫୯	ଗଗନ ପରିଡ଼ା	୧	୧୬
୨୧୧		୬୦	ବୀଣାପାଣି ପରିଡ଼ା	୦	୮୭
୨୧୧	୫୮	୬୧	ପୁରସ୍ତମ ବାରିକ	୧	୨୩
୨୧୧	୫୯	୬୨	ସୁରେନ୍ଦ୍ର ମହାଳିକ	୦	୩୨
୨୧୧	୬୦	୬୩	ସନାତନ ସେଠୀ	୦	୯୯
୨୧୧	୬୧	୬୪	ଉପେନ୍ଦ୍ରନାଥ ସାହୁ	୦	୫୬
୨୧୧	୬୨	୬୫	ମୌସମ ରଣା ଏବଂ ଅନ୍ୟମାନେ	୦	୫୦
୨୧୧	୬୩	୬୬	ହରେକୃଷ୍ଣ ସାହୁ	୧	୨୧
			ମୋଟ ଏକର	ଏକର ୫୪. ୩୧ ଡିସିମିଲ	

ସ୍ଥାନ- ବାଲେଶ୍ୱର
ତାରିଖ: ୨୬/୩/୨୦୨୨

ଏସ/ଡି- ଭାଗୀରଥି ବାରିକ
ଏକ୍ସ - ସ୍ପେଶାଲ ଜଜ୍ ମାଜିଷ୍ଟ୍ରେଟ୍ , ଓକିଲ
ମାନସିଂ ବଜାର, ମୋତିଗଂଜ, ବାଲେଶ୍ୱର
ମୋ: ୭୯୭୮୮୩୧୭୧୮

କଙ୍କଡାପାଳେର ଅଲିଭରିଡେଲଙ୍କ ଅଣ୍ଡାଦାନ

ବାଲିଆପାଳ, ୨୫/୦୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ କଙ୍କଡାପାଳ ବେଳାଭୂମିରେ ପ୍ରତିବର୍ଷ ଚଳିତ ବର୍ଷ ମଧ୍ୟ ଅଣ୍ଡା ଦାନ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ସେମାନଙ୍କ ସୁରକ୍ଷାକୁ ନେଇ ବ୍ଲକ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଇନଥିବା ଦେଖିବାକୁ ମିଳିଛି । ଆଜି ସମୁଦ୍ର ପାଣିରେ ଦୁଇରୁ ଅଧିକ ଅଲିଭ ରିଡଲେ କଇଁଚ ମୃତ ଅବସ୍ଥାରେ ଭାସୁଥିବାର ଦେଖାଯାଇଛି । ସେଥିପାଇଁ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବି ମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଗଭୀର ସମୁଦ୍ର ଜଳରେ ବନ୍ଦର କାର୍ଯ୍ୟପାଇଁ ମେସିନ ଗୁଡିକ ଚାଲୁଥିବା ଯୋଗୁଁ ତା ସଂପର୍ଶରେ ଆସି କଇଁଚ ଗୁଡିକଙ୍କର ମୃତ୍ୟୁ ହୋଇଥିବା କିଛି ସ୍ଥାନୀୟ ବାସିନ୍ଦା ଆଶଙ୍କା କରୁଛନ୍ତି । ତେବେ ଅଲିଭ ରିଡଲେଙ୍କ କଇଁଚ କେମିତି ସୁରକ୍ଷିତ ଭାବରେ ଅଣ୍ଡା ଦାନ କରି ଫେରିଯିବେ । ସେଥିପ୍ରତି ବନବିଭାଗ ଦୃଷ୍ଟିଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

ଧାର ଟଙ୍କା ମାଗିବାରୁ ଗର୍ଭବତୀ ମହିଳାଙ୍କୁ ଆକ୍ରମଣ : ଥାନାରେ ମାମଲା

ନୀଳଗିରି, ୨୫/୦୩ (ନି.ପ୍ର): ଦୀର୍ଘ ୮ ବର୍ଷ ପୂର୍ବରୁ ଉଧାର ଟଙ୍କା ଦେଇଥିବା ବେଳେ ଉକ୍ତ ଟଙ୍କା ମାଗିବାକୁ ଯାଇଥିବା ବେଳେ ଆକ୍ରମଣର ଶିକାର ହୋଇଛନ୍ତି ଜଣେ ଗର୍ଭବତୀ ମହିଳା । ସୂଚନା ଅନୁଯାୟୀ ଖିପଦା ବ୍ଲକ ଚିନ୍ତାମଣିପୁର ଗ୍ରାମର କାହ୍ନୁଚରଣ ବେହେରା ଙ୍କ ସ୍ତ୍ରୀ ସଂଘମିତ୍ରା ବେହେରା ଉକ୍ତ ଗ୍ରାମର କୈଳାସ ଦାସ ଙ୍କ ପୁଅ ମନୋଜ ଦାସ କୁ ଦୀର୍ଘ ୮ ବର୍ଷ ପୂର୍ବରୁ ୧୦ହଜାର ଟଙ୍କା ଧାର ସୂତ୍ରେ ଦେଇଥିଲେ । ସେ ଏବେ ୬ମାସର ଗର୍ଭବତୀ ଥିବା ବେଳେ ଟଙ୍କାର ଆବଶ୍ୟକତାକୁ ଉପଲବ୍ଧି କରି ଉଧାର ଟଙ୍କା ମାଗିବାକୁ ଯାଇଥିଲେ । ମାତ୍ର ମନୋଜ ଟଙ୍କା ଫେରାଇବା ବଦଳରେ ଓଲଟି ଟଣା ଘୋଷରା କରିବା ସହି ନାନାଦି ଅଶ୍ଳୀଳ ଭାଷାରେ ଗାଳିଗୁଲୋଜ କରି ଟଙ୍କା ଫେରେଇ ପାରିବେ ନାହିଁ ବୋଲି ଧମକ ମଧ୍ୟ ଦେଇଥିଲେ । ମନୋଜ ଙ୍କ ସହ ତାଙ୍କ ସ୍ତ୍ରୀ ଓ ମା ଘଟଣାରେ ସଂପୃକ୍ତ ଥିବା ସଂଘମିତ୍ରା ନୀଳଗିରି ଥାନାରେ ଗତ ୧୯ତାରିଖ ଦିନ ଅଭିଯୋଗ କରିଥିଲେ । ଏ ନେଇ ଥାନା ପକ୍ଷରୁ ୧୨୧/୨୨ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି ।

ଜମ୍ବେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ଶିବିର

ଖଇରା,୨୫/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗର୍ସଙ୍ଗସ୍ଥିତ ଜମ୍ବେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଠାରୁ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି । ଭାରପ୍ରାପ୍ତ ଅଧକ୍ଷ ଗଜେନ୍ଦ୍ର ପ୍ରସାଦ ସେନାପତି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ଅଧକ୍ଷ ସେନାପତି ମୁଖ୍ୟ ଅତିଥି,ଅଧ୍ୟାପକ ମନିନ୍ଦ୍ର ଦିକ୍ଷିତ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବର୍ତ୍ତମାନ ସାମାଜିକ ଅବସ୍ଥାରେ ଛାତ୍ରୀ ମାନେ ଅସୁରକ୍ଷିତ ହୋଇ ପଡୁଥିବାରୁ ସରକାରଙ୍କ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ସମୟୋପଯୋଗୀ ବୋଲି କହିଥିଲେ । କାର୍ଯ୍ୟକ୍ରମ ପରିଚାଳକ ଅଧ୍ୟାପକ ରୁଦ୍ର କୁମାର କର,ସହ ପରିଚାଳକ ବସନ୍ତ କୁମାର ବାରିକ,ପ୍ରଶିକ୍ଷିକା ମମତା ସାମଲ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ସୁଚନା ପ୍ରଦାନ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ରାଜ୍ୟପାଳଙ୍କ ଅଭିଭାଷଣରୁ ....

ଓଡିଶା ଏକ ବଳକା ରାଜ୍ୟ ହୋଇ ପାରିଛି । ସେ କହିଛନ୍ତି ଯେ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ଭଲ ରହିଥିବା ସହିତ ବାମପନ୍ଥୀ ଉଗ୍ରବାଦକୁ କମ କରିବାରେ ମଧ୍ୟ ସଫଳତା ମିଳିଛି । ବିଗତ ପାଂଚବର୍ଷ ଭିତରେ ବାମପନ୍ଥୀ ଉଗ୍ରବାଦକୁ ଦୃଢ଼ତାର ସହ ଦମନ କରାଯାଇଛି । ମୋ ସରକାର ଓ ସୁରକ୍ଷା ବାହିନୀଙ୍କ ଆଗୁଆ ପଦକ୍ଷେପ ଯୋଗୁଁ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଜିଲ୍ଲା ସଂଖ୍ୟା ବର୍ତମାନ ୨୧ରୁ ୧୦ରେ ପହଂଚିଛି । ପୁଲିସ ପଦକ୍ଷେପ ଯୋଗୁଁ ପାଖାପାଖୁ ୫୮ ଜଣ ମାଓବାଦୀ ପ୍ରଭାବହୀନ ହୋଇଛନ୍ତି, ୧୯୪ ଜଣଙ୍କୁ ଗିରଫ କରାଯାଇଛି ଏବଂ ସେହି ସମୟରେ ୧୦୮ ଜଣ ଆତ୍ମସମର୍ପଣ କରିଛନ୍ତି । ଏକଦା ମାଓବାଦୀଙ୍କ ଗଢ଼ ଥିବା ମାଲକାନଗିରିର 'ସ୍ୱାଭିମାନ ଅଂଚଳ'ର ସଂପୂର୍ଣ୍ଣ ପରିବର୍ତ୍ତିତ ବାତାବରଣ ରାଜ୍ୟରେ ବାମପନ୍ଥୀ ଉଗ୍ରବାଦ ପ୍ରଶମନ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ପଦକ୍ଷେପର ସୁପରିଣାମ ଅଟେ । ସେ କହିଛନ୍ତି ଯେ ଦୁର୍ନୀତି ବିରୋଧରେ ରାଜ୍ୟ ସରକାରଙ୍କର ଶୂନ ସହନଶୀଳତା ନୀତି ରହିଛି । ଏହି ନୀତି ଯୋଗୁଁ ୨୦୨୧ ବର୍ଷରେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ୨୬୭ ଜଣ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ ହୋଇଛି । ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ସ୍ୱରୂପ ଅଦ୍ୟାବଧି ୧୫୧ ଜଣ ଅନୈତିକ, ଅପାରଗ ଓ ଅସାଧୁ ସରକାରୀ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯାଇଛି । ସେ କହିଛନ୍ତି ଯେ ୨୦୧୪-୧୫ ମସିହା ପରଠାରୁ ପ୍ରାୟ ୩୧,୦୫୦ କୋଟି ଟଙ୍କା ବ୍ୟୟରେ ୩୧ ଲକ୍ଷ ପକ୍କାଘର ନିର୍ମାଣ କାର୍ଯ୍ୟ ସ୍ୱଚ୍ଛତାର ସହିତ ସମ୍ପୂର୍ଣ୍ଣ କରାଯାଇଛି । ହିତାଧିକାରୀମାନଙ୍କ ପାଇଁ 'ବିଜୁ ପକ୍କାଘର ପ୍ରୋତ୍ସାହନ ନୀତି' ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ଅନୁକରଣୀୟ ଉଦାହରଣ ସୃଷ୍ଟି କରିଛି । ୭ ଲକ୍ଷ ୮୨ ହଜାର ହିତାଧିକାରୀଙ୍କୁ ୪ ମାସ ଏବଂ ୬ ମାସ ଅବଧି ମଧ୍ୟରେ ନିଜ ପକ୍କାଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବାରୁ ପ୍ରୋତ୍ସାହନ ବାବଦରେ ୧,୨୮୩ କୋଟି ଟଙ୍କା ସଂପୃକ୍ତ ହିତାଧିକାରୀ ପରିବାରକୁ ପ୍ରଦାନ କରାଯାଇଛି । ପୁନଶ୍ଚ ବିଭିନ୍ନ ଗ୍ରାମୀଣ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ୧୨ ଲକ୍ଷ ୨୫ ହଜାର ଯୋଗ୍ୟ ପରିବାର ଚିହ୍ନଟ କରାଯାଇଥିବା ସେ ପ୍ରକାଶ କରିଛନ୍ତି । ପାନୀୟ ଜଳ କ୍ଷେତ୍ରରେ ଖୁବ ଭଲ କାମ କରା ଯାଇଥିବା ପ୍ରକାଶ କରି ସେ କହିଛନ୍ତି ଯେ- ରାଜ୍ୟର ୬୩ଟି ସହରାଂଚଳ ସ୍ୱାୟତ ଶାସନ ସଂସ୍ଥା ଶତ ପ୍ରତିଶତ ଗୃହକୁ ପାଇପ୍ ଜଳ ସଂଯୋଗ କରିସାରିଛନ୍ତି । ସମଗ୍ର ଦେଶରେ ଶତ ପ୍ରତିଶତ ଗୃହକୁ ପାଇପ୍ ଜଳ ସଂଯୋଗ କରିବାରେ ଭୁବନେଶ୍ୱର ମହାନଗର ନିଗମ ପ୍ରଥମ ଓ କଟକ ମହାନଗର ନିଗମ ଦ୍ୱିତୀୟ ହୋଇପାରିଛି ।

ଅନ୍ୟ ଖେଳଗୁଡ଼ିକୁ ....

ବାକି ଖେଳ ବିଭାଗ ସବୁ ଚୁଲିକୁ ଯାଉ । ହକି ଟିମ୍ ଇଣ୍ଡିଆ ପାଇଁ କୋଟି କୋଟି ଟଙ୍କାର ଅର୍ଥ ଅଛି । କିନ୍ତୁ ଆଥଲେଟିକ୍ସ ପାଇଁ କିଛି ନାହିଁ । ଏ ହକି ବାଡ଼ି କେତେଦିନ ଲାଷ୍ଟିଂ କରିବ ? ପୁରୁଣା ହେଲେ ଆପେ ଆପେ ଫାଟିଯିବ । ସବୁ ପ୍ରହସନ । "ଅନ୍ୟପକ୍ଷରେ ଦୂତୀଙ୍କ ଏହି ଟୁଇଟ ପାଇଁ ତାଙ୍କୁ କଡ଼ା ସମାଲୋଚନା କରିଛନ୍ତି ଭାରତୀୟ ହକି ଟିମର ପୂର୍ବତନ ଅଧିନାୟକ ଦିଲ୍ଲୀପ ତିର୍କୀ । ଏକ ଟୁଇଟ କରି ସେ ଲେଖିଛନ୍ତି ଯେ, ଜଣେ ଖେଳାଳି ଭାବେ ମୁଁ ଆଉ ଜଣେ ଖେଳାଳିଙ୍କ ଏହି ଭଳି ମନ୍ତବ୍ୟକୁ ଘୋର ନିନ୍ଦା କରୁଛି । ରାଜ୍ୟ ସରକାର ପ୍ରତ୍ୟେକ ଖେଳକୁ ସମାନ ଗୁରୁତ୍ୱ ଦେଇ ଆସୁଛନ୍ତି । ସେ ହକି ହେଉ କିମ୍ବା କୌଣସି ଖେଳ । ଅଲମ୍ପିକ୍ସରେ ମେଡାଲ ଜିତିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ । ଆଜି ଭୁବନେଶ୍ୱରକୁ (ଓଡ଼ିଶା) କାହିଁକି ସ୍ପୋର୍ଟସ କ୍ୟାପିଟାଲ କୁହାଯାଉଛି ତାହା କାହାକୁ ଅଛପା ନାହିଁ । କ୍ରୀଡା କ୍ଷେତ୍ରରେ ଅନ୍ତର୍ଜାତୀୟ ସ୍ତରରେ ଭାରତକୁ ପ୍ରଥମ ପରିଚୟ ହକି ହିଁ ଦେଇଛି । ବୋଧ ହୁଏ ଅନେକ ଖେଳାଳି ଏହା ଜାଣି ନାହାନ୍ତି । ଏହି ଭଳି ମନ୍ତବ୍ୟ ଅନ୍ୟ ଖେଳାଳିଙ୍କ ପ୍ରତି ଗ୍ରହଣୀୟ ନୁହେଁ । ନିଜେ ଜଣେ ଖେଳାଳି ହେଇ ଅନ୍ୟ ଖେଳାଳିଙ୍କୁ ସମ୍ମାନ ଦେଇ ଶିଖିବା ଉଚିତ୍ ।

୨୭ରୁ ୩୦ ତାରିଖ ମଧ୍ୟରେ....

ଆସୁଥିବା ଲୋକଙ୍କୁ ନିଜ ସାଙ୍ଗରେ ଜରୁରୀ ଔଷଧ ଏବଂ ଖାଦ୍ୟ ଆଣିବା ପାଇଁ ସଚେତନ କରାଯିବ । କେଉଁ ସମୟରେ ଲୋକମାନଙ୍କୁ ଅସ୍ଥାୟୀ ଶିବିରକୁ ଆସିବାକୁ ହେବ ଏବଂ କେତେ ସମୟ ସେଠାରେ ରହିବାକୁ ହେବ ସେ ନେଇ ସେମାନଙ୍କୁ ଆଗୁଆ ମାଇକ ପ୍ରଚାର ମାଧ୍ୟମରେ ଜଣାଇ ଦିଆଯିବ । ଅସ୍ଥାୟୀ ଶିବିର ନିକଟରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ପାଇଁ ପୁଲିସ ବିଭାଗକୁ ଏବଂ ଆପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଅଗ୍ନିଶମ ବିଭାଗକୁ କୁହାଯାଇଥିଲା । ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ ଅସ୍ଥାୟୀ ଶିବିର ନିକଟରେ ଆମ୍ବୁଲାନ୍ସ ଓ ଡାକ୍ତରୀ ଦଳ ମୁତୟନ କରାଯିବ ।

ଦ୍ୱିତୀୟ ଥର ପାଇଁ ଶପଥ ....

ଗଠନ କରିଛି ବିଜେପି । ସେପଟେ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ରୁପେ ସପଥ ଗ୍ରହଣ କରି ୩୭ ବର୍ଷର ରେକର୍ଡ ଭାଙ୍ଗିଛନ୍ତି ଯୋଗୀ ଆଦିତ୍ୟନାଥ । ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ସମେତ ଅନ୍ୟ ୫୨ ଜଣ ବିଧାୟକ ମନ୍ତ୍ରୀ ରୁପେ ସପଥପାଠ କରଛନ୍ତି । ସେହିପରି କେଶବ ପ୍ରସାଦ ମୋର୍ଯ୍ୟ ଓ ବ୍ରଜେଶ ପାଠକ ଉପ ମୁଖ୍ୟମନ୍ତ୍ରୀ ରୁପେ ସପଥ ଗ୍ରହଣ କରିଛନ୍ତି । ଲଖ୍ନୌ ଅଟଳ ବିହାରୀ ବାଜପେୟୀ ଏକାନା ଷ୍ଟାଡିଅମ୍ରେ ଆୟୋଜିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ସମେତ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ୫ ଜଣ ଉପ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ମିଳିଛି । ଲକ୍ଷ ଲକ୍ଷ ସାଧାରଣ ଜନତା ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ।

ଆଜି ସକାଳ ୮ଟାରୁ ....

କରାଯାଇଛି । ପ୍ରତି କାଉଂଟିଂ ଟେବୁଲରେ ଜଣେ ଜଣେ ସୁପରଭାଇଜର ରହିବେ । ସେମାନଙ୍କ ସହ ଜଣେ କାଉଂଟିଂ ଆସିଷ୍ଟାଂଟ୍ ନ

ବାଲେଶ୍ୱର, ଶନିବାର, ୨୬ ମାର୍ଚ୍ଚ, ୨୦୨୨

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ମେଡିକାଲ କଲେଜ ଓ ହସ୍‌ପିଟାଲ କାର୍ଯ୍ୟକାରୀ କମିଟି ପକ୍ଷରୁ ସ୍ମାରକପତ୍ର

ଜଳେଶ୍ୱର, ୨୫/୦୩ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଅଂଚଳର ଉନ୍ନତ ସ୍ୱାସ୍ଥ୍ୟସେବା ଲାଗି ଆଜି ମେଡିକାଲ କଲେଜ ଓ ହସ୍‌ପିଟାଲ କାର୍ଯ୍ୟକାରୀ କମିଟି ପକ୍ଷରୁ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ତହସିଲଦାରଙ୍କୁ ହସ୍ତାନ୍ତର କରାଯାଇଛି । ଏଥିରେ ସମଗ୍ର ଉତ୍ତର ବାଲେଶ୍ୱରକୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ଜିକେଭଟ୍ଟର ହସ୍‌ପିଟାଲରେ ରୋଗୀ ମାନଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇ ଦେବାକୁ ଦାବି କରାଯାଇଛି । ଜିକେଭଟ୍ଟର ହସ୍‌ପିଟାଲ ଜଳେଶ୍ୱର ଓ ପଶ୍ଚିମବଂଗ ସୀମାରେ ଅବସ୍ଥିତ । ସେଠାକୁ ରାଇବଣିଆ, ଜଳେଶ୍ୱର, କମର୍ଦ୍ଦା, ଭୋଗରାଇ, ଦାନ୍ତୁନ ଓ ମୋହନପୁର ଥାନା ଅଂଚଳର ଡାକ୍ତରଖାନା ଗୁଡିକରୁ ରୋଗୀମାନଙ୍କୁ ଚିକିତ୍ସା ଯୋଗାଇବାଲାଗି ପ୍ରେରଣ କରାଯାଇଥାଏ । କିନ୍ତୁ ସେଠାରେ ଆବଶ୍ୟକ ଡାକ୍ତର ପଦବୀ ଖାଲି ପଡିଥିବାରୁ ଏ ଅଂଚଳର ରୋଗୀଙ୍କୁ ବାଲେଶ୍ୱର ପଠା ଯାଉଛି । ଏହା ୬୦ନଂ ଜାତୀୟ ରାଜପଥ ଓ ୫୭ ରାଜ୍ୟ ରାଜପଥ ନିକଟରେ ଥିଲେ ମଧ୍ୟ ଟ୍ରୋମା ସେଣ୍ଟର, ବ୍ଲକଡ ବ୍ୟାଙ୍କ, ଆଇସିୟୁ, କାଡିଓଲୋଜି, ନିଉରଲୋଜି, ନେଫରଲୋଜି ଓ ୟୁରଲୋଜି ଭଳି ଅତି ଆବଶ୍ୟକ ବିଭାଗର ଡାକ୍ତର ନାହାନ୍ତି । ବାଲେଶ୍ୱର ଜିଲାରେ ଉପରୋକ୍ତ ବିଭାଗର ଡାକ୍ତର ନ ଥିବାରୁ ରୋଗୀ ମାନଙ୍କୁ କଟକ, ଭୁବନେଶ୍ୱର ଯାଇ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଏ ସବୁ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଆପତ୍ତି, ଅଭିଯୋଗ କରାଯାଉଥିଲେ ମଧ୍ୟ କାର୍ଯ୍ୟତଃ ଫଳ ମିଳୁନାହିଁ । ଏହା ବ୍ୟତିତ ଏମସ୍, ଆୟୁଷ ବାଲେଶ୍ୱରରେ ଥିବା ବେଳେ ସେଥିରୁ ମଧ୍ୟ ରୋଗୀ ମାନେ ଉପକୃତ ହୋଇ ପାରୁନାହାନ୍ତି । ସେହିପରି ଇକୋ କାଡିଓଗ୍ରାମ ମେସିନ୍ ବାଲେଶ୍ୱରରେ ନ ଥିବାରୁ ରୋଗୀ ମଧ୍ୟ ଉପକୃତ ହୋଇ ପାରୁନାହିଁ । ବାଲେଶ୍ୱରରେ ପଢୁଥିବା ଡାକ୍ତରୀ ଛାତ୍ର ସଂଖ୍ୟା ୧୦୦ରୁ ୧୫୦ କୁ ବୃଦ୍ଧି କରାଯାଉବୋଲି ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି ।

ରେଳ ବିଭାଗର ନୂତନ ପରିକଳ୍ପନା

ଜଳେଶ୍ୱର, ୨୫/୦୩ (ନି.ପ୍ର) : ଏଣିକି ସ୍ଥାନୀୟ ଉତ୍ପାଦିତ କୌଣସି ପଦାର୍ଥ ନିକଟସ୍ଥ ରେଳ ଷ୍ଟେସନରେ ବିକ୍ରି କରିବାଲାଗି ରେଳ ବିଭାଗ ପକ୍ଷରୁ ବ୍ୟବସ୍ଥା ହୋଇଛି । ଏପରି ନିୟମ ଦକ୍ଷିଣପୂର୍ବ ରେଳବାଇରେ କାର୍ଯ୍ୟକାରୀ ହେଉଥିବା ବେଳେ ଖଡଗପୁର ଡିଭିଜନରେ ଆରମ୍ଭ ହୋଇଛି । ଆଜି ଶୁକ୍ରବାର ବାଲେଶ୍ୱର ଜିଲାର ଜଳେଶ୍ୱର ରେଳ ଷ୍ଟେସନରେ ଖଡଗପୁର ରେଳ ଡିଭିଜନର ବାଣିଜ୍ୟିକ ମେନେଜର ମ୍ରିନାଲ କୁମାର ଏହାକୁ ଉଦ୍‌ଘାଟନ କରିଛନ୍ତି । ତାଙ୍କ ସହିତ ବାଣିଜ୍ୟିକ ପରିଦର୍ଶନ ଶୁଭଙ୍କର ରାଉଳ, ଅରୁଣ ବେଜ, ସୁକୁମାର ରଣା, କମଳଲୋଚନ ପାତ୍ର, ଷ୍ଟେସନ ମେନେଜର ଖଗେନ୍ଦ୍ର ମଣ୍ଡଳ ଉପସ୍ଥିତ ଥିଲେ । ଜଳେଶ୍ୱର ଅଂଚଳର ନାମ୍ପୋ ଗାଁର ସତ୍ୟରଂଜନ ରଣା ଷ୍ଟୋନ ଓ ସିଲଭର ପଦାର୍ଥର ଉତ୍ପାଦନ ପରେ ବିକ୍ରିପାଇଁ ଜଳେଶ୍ୱର ରେଳ ଷ୍ଟେସନରେ ଏପରି ସୁବିଧା ଯୋଗାଇଥିବା ଜଣାଯାଇଛି । କେବଳ ଏହି ଗୋଟିଏ ନୁହେଁ ଜଳେଶ୍ୱର ଅଂଚଳରେ ଉତ୍ପାଦିତ ହେଉଥିବା ମାକିଡିଆ ଟସର ଶିଳ୍ପ, ଗୋବର୍ଦ୍ଧନପୁର ଗାଁର ଦର୍ଜୀ ମାନଙ୍କ ପ୍ରସ୍ତୁତ ପୋଷାକପତ୍ର, କତା ଶିଳ୍ପ, ବାଉଁଶରେ ତିଆରି ଆସବାପତ୍ର ଭଳି ଉତ୍ପାଦିତ ପଦାର୍ଥକୁ ରେଳ ଷ୍ଟେସନରେ ବିକ୍ରି କରିବାର ସୁବିଧା ପାଇଲେ ଏ ଅଂଚଳର କାରିଗର, ଶିଳ୍ପୀ, ଶ୍ରମିକମାନଙ୍କ ଉନ୍ନତି ହୋଇ ପାରିବ ।

ବାଲେଶ୍ୱରରେ 'କୋସମୋ ବଜାର' ଶାଖା ଉଦ୍‌ଘାଟିତ

ବାଲେଶ୍ୱର,୨୫/୦୩ (ନି.ପ୍ର): ଦେଶର ଅନ୍ୟତମ ଖାତନାମା ଖୁଚୁରା ବ୍ୟବସାୟ ପ୍ରତିଷ୍ଠାନ 'କୋସମୋ ବଜାର'ର ନୂତନ ଫେମିଲି ସପିଙ୍ଗ ଶାଖା ସହରର ବିବେକାନନ୍ଦ ମାର୍ଗରେ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ପ୍ରାକ୍ତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା ଏହାକୁ ଉଦଘାଟନ କରିଥିଲେ । ପରିବାର ପାଇଁ ଆବଶ୍ୟକୀୟ ସାମାଗ୍ରୀ ଏଠାରେ ଉପଲବ୍ଧ ହେଉଥିବା ବେଳେ ସହର ସମେତ ଜିଲାବାସୀଙ୍କ ଚାହିଦା ପୂରଣରେ ଏହି ମଲ ବେଶ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । କୋସମୋ ବଜାର ବାଲେଶ୍ୱର ଶାଖାର ସତ୍ୱାଧିକାରୀ ଗଣେଶ ପୋଦାର ଓ ଅମନ ରାଜବଙ୍କା ଏହି ଉଦଘାଟନୀ ଉତ୍ସବରେ ଯୋଗଦେଇ ଏଠାରେ ଉପଲବ୍ଧ ସାମଗ୍ରୀର ଗୁଣବତା ଓ ଗ୍ରାହକ ସେବା ସମ୍ପର୍କରେ ସୂଚନା ଦେଇଥିଲେ । ସବୁବର୍ଗର ଲୋକଙ୍କ ପାଇଁ ଲୁଗାପଟା ଠାରୁ ଆରମ୍ଭ କରି ଘର ପରିବାରର ଆବଶ୍ୟକୀୟ ସାମଗ୍ରୀ ଏଠାରେ ଖୁବ କମ ମୂଲ୍ୟରେ ମିଳୁଥିବା ସେମାନେ କହିଥିଲେ । ପ୍ରତ୍ୟେକ ସାମଗ୍ରୀ ଉପରେ ଦିଆଯାଉଥିବା ଆକର୍ଷଣୀୟ ରିଆତି ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ । ସମଗ୍ର ଦେଶରେ କୋସମୋ ବଜାରର ୨୮ ଗୋଟି ଶାଖା ବେଶ ସଫଳତାର ସହ ଚାଲିଥିବା ବେଳେ ଓଡ଼ିଶାରେ ଏହା ଦ୍ୱିତୀୟ ସପିଙ୍ଗ ମଲ ବୋଲି ସେମାନେ ସୂଚନା ଦେଇଥିଲେ । ଏହା ବାଲେଶ୍ୱରରେ ବ୍ୟବସାୟ କ୍ଷେତ୍ରରେ ଅନ୍ୟମାନଙ୍କଠାରୁ ଆଗରେ ରହିବ ବୋଲି ସତ୍ୱାଧିକାରୀ ଦ୍ୱୟ ଦୃଢ଼ ଆଶା ପ୍ରକାଶ କରିଥିଲେ ।

ବକେୟା ବିଦ୍ୟୁତ୍ ବିଲ ଆଦାୟକୁ ନେଇ ଗଣ୍ଡଗୋଳ : ୪ ଗୁରୁତର

ନୀଳଗିରି, ୨୫/୦୩ (ନି.ପ୍ର) ଓଡ଼ିଶାରେ ଟାଟା ପାୱାର ବିଦ୍ୟୁତ୍ ବିଭାଗକୁ ହାତକୁ ନେଲା ପରେ ବକେୟା ବିଦ୍ୟୁତ୍ ବିଲ୍ ଆଦାୟ କରିବା ପାଇଁ ବିଦ୍ୟୁତ୍ ବିଭାଗ ବିଭିନ୍ନ ଟିମ୍ ଗଠନ କରି ବକେୟା ବିଲ୍ ଆଦାୟ କରୁଅଛି । ନୀଳଗିରି ବିଦ୍ୟୁତ୍ ବିଭାଗ ଏ ନେଇ ବିଭିନ୍ନ ଅଂଚଳକୁ ଯାଇ ବକେୟା ବିଦ୍ୟୁତ୍ ବିଲ୍ ସହିତ ରେଗୁଲାର ଉପଭୋକ୍ତାମାନଙ୍କ ଠାରୁ ବିଲ୍ ଆଦାୟ କରୁଛନ୍ତି । ଶୁକ୍ରବାର ଦିନ ଧୋବଶିଳା ଗାଁକୁ ଟାଟା ପାୱାର କର୍ମଚାରୀମାନେ ବକେୟା ବିଦ୍ୟୁତ୍ ବିଲ୍ ଆଦାୟ କରିବାକୁ ଯାଇଥିବା ବେଳେ ଗ୍ରାମର ଅନେକ ଉପଭୋକ୍ତା ବକେୟା ବିଲ୍‌ର ୫୦ ପ୍ରତିଶତ ବିଲ୍ ଦେବା ପାଇଁ ରାଜି ହୋଇଥିବା ବେଳେ ସମସ୍ତ ବକେୟା ବିଲ୍ ପୈଠ କରିବା ପାଇଁ କର୍ମଚାରୀମାନେ ଯିଦ୍ ଧରି ଅନେକ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଚ୍ଛେଦ କରୁଥିଲା ବେଳେ ଉଭୟଙ୍କ ମଧ୍ୟରେ ଗାଣ୍ଡଗୋଳ ହୋଇଥିଲା । ଫଳରେ ଅନେକ ଉପଭୋକ୍ତାଙ୍କୁ ଟାଟା ପାୱାରର କର୍ମଚାରୀମାନେ ପିଟାମରା କରୁଥିବା ବେଳେ ନିଜ ଗାଡ଼ିରେ ଜନୈକ ମହିଳାଙ୍କୁ ଗାଡ଼ି ଚଢ଼େଇଦେବାକୁ ଉଦ୍ୟମ କରୁଥିବା ବେଳେ ମହିଳା ଜଣକ ଗୁରୁତର ହୋଇ ପଡ଼ିଥିଲେ । ଗୁରୁତର ଅନ୍ୟ ୩ଜଣକୁ ଗ୍ରାମବାସୀମାନେ ନୀଳଗିରି ମେଡିକାଲକୁ ଆଣିଥିଲେ । ଧୋବଶିଳା ଗ୍ରାମର ସୁଚିସ୍ମିତା ସ, କରୁଣାକର ସ, ସରସ୍ୱତୀ ସ୍ୱାଇଁ ଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଏପରିକି ବିଦ୍ୟୁତ୍ ବିଭାଗର କର୍ମଚାରୀ କରୁଣାକର ସ ଙ୍କ ଅଣ୍ଡକୋଡକୁ ଗୋଇଁଠା ମାରିଥିଲେ । ଅପରପକ୍ଷେ ବକେୟା ବିଦ୍ୟୁତ୍ ବିଲ ନ ଦେବାରୁ ଲାଇନ୍ କାଟିବାକୁ ଯାଇଥିବା ବେଳେ ଉପଭୋକ୍ତମାନେ ଲାଇନମେନ୍ ରଞ୍ଜନ କୁମାର ଦାସ ଙ୍କୁ ପିଟାମରା କରିଥିବା ଅଭିଯୋଗ ହୋଇଛି । ଖବର ପାଇ ନୀଳଗିରି ବିଦ୍ୟୁତ୍ ବିଭାଗ ଏସ.ଡି.ଓ., ଜେ.ଇ. ସଂଗେ ସଂଗେ ଆହତ ଲାଇନମ୍ୟାନଙ୍କୁ ନୀଳଗିରି ମେଡିକାଲରେ ଭର୍ତ୍ତି କରିଛନ୍ତି । ଟାଟା ପାୱାରର କର୍ମଚାରୀମାନେ ଅଭିଯୁକ୍ତ ଉପଭୋକ୍ତାମାନଙ୍କୁ ଗିରଫ କରିବା ପ୍ରତିବାଦରେ ନୀଳଗିରି ଥାନାରେ ପାଲଟା ଅଭିଯୋଗ କରିଛନ୍ତି ।ପରେ ନୀଳଗିରି ଆଇ.ଆଇ.ସି. ଦ୍ରୌପଦୀ ଦାସ ଉକ୍ତ ଗ୍ରାମର ସୁନୀଲ କୁମାର ବିଶ୍ୱାଳ, ସୁଜିତ କୁମାର ସ ଙ୍କୁ ଥାନାରେ ଅଟକ ରଖିବା ପରେ ଶତାଧିକ ଉପଭୋକ୍ତା ଓ ଗ୍ରାମବାସୀ ଅପରାହ୍ନ ପ୍ରାୟ ୫ଟା ସମୟରେ ନୀଳଗିରି ଥାନା ପରିସରରେ ଧାରଣା ଦେଇଥିଲେ । ଟାଟା ପାୱାରର ଏଭଳି ଦବଙ୍ଗ ଗିରିକୁ ଦମନ ପାଇଁଧାରଣାରେ ବସିଥିବା ବେଳେ ଅଟକ ରହିଥିବା ୨ଯୁବକଙ୍କୁ ଛାଡ଼ିବା ପାଇଁ ଦାବୀ କରିଥିଲେ । ଯେ ପର୍ଯ୍ୟନ୍ତ ଟାଟା ପାୱାର କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରା ନ ଯାଇଛି ଏବଂ ୨ ଅଟକ ଯୁବକଙ୍କୁ ଛଡ଼ା ନ ଯାଇଛି ସେ ପର୍ଯ୍ୟନ୍ତ ଥାନା ଛାଡ଼ି ଯିବେ ନାହିଁ ବୋଲି ରୋକଠୋକ ମନା କରିବା ସହ ନିଜ ଯିଦ୍‌ରେ ଅଟଳ ରହିଛନ୍ତି ।

ସୟଦନା ସେଖ ଅହମ୍ମଦ ପୀର ବାବାଙ୍କ ବାର୍ଷିକ ଉର୍ସ ଉଦ୍‌ଘାଟିତ

ବାଲେଶ୍ୱର,୨୫/୦୩ (ନି.ପ୍ର): ସହରର ସୁନହଟସ୍ଥିତ ସୟଦନା ସେଖ ଅହମ୍ମଦ ପୀର ବାବାଙ୍କ ୬୪ତମ ବାର୍ଷିକ ଉର୍ସ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ପ୍ରସିଦ୍ଧ ଭୁଜାଖିଆ ପୀର ବାବାଙ୍କ ବଡ ଭାଇ ହେଉଛନ୍ତି ଅହମ୍ମଦ ପୀର ବାବା । ପ୍ରତ୍ୟେକ ବର୍ଷ ବାବା ଭୁଜାଖିଆ ପୀରଙ୍କ ଉର୍ସର ଗୋଟିଏ ସପ୍ତାହ ପୂର୍ବରୁ ବଡ଼ ବାବାଙ୍କ ଉର୍ସ ଉତ୍ସବ ପାଳିତ ହୋଇଥାଏ । ସେହିକ୍ରମରେ ଆରମ୍ଭ ଉର୍ସରେ ବାବାଙ୍କର ଗୋସାଲ କରାଯାଇଥିଲା । ବୁଢାବଳଙ୍ଗ ନଦୀର ପରମିଟ ଘାଟରୁ ଶୋଭାଯାତ୍ରରେ ପାଣି ଅଣାଯିବା ପରେ ଆସ୍ତାନକୁ ପବିତ୍ର କରାଯାଇଥିଲା । ଏଥି ସହିତ ଫୁଲ ଏବଂ ଚନ୍ଦନ ଶୋଭାଯାତ୍ରା ସହର ପରିକ୍ରମା ସହ ଅପରାହ୍ନରୁ ବାବାଙ୍କ ଆସ୍ତାନରେ ଶବିନା ପାଠ କରାଯାଇଥିଲା । ଗୋସାଲ ପରେ ବହୁ ଭକ୍ତ ବାବାଙ୍କ ଆସ୍ତାନରେ ଚାଦର ଚଢାଉଥିବା ଦେଖିବାକୁ ମିଳିଥିଲା । ରବିବାର ଉଦ୍‌ଯାପନୀ ଦିବସରେ କୋରାନ ସରିଫ ପାଠ ସହିତ ସନ୍ଧ୍ୟାରେ ଫାତେହା ପରେ ଶିରିଣୀ ବିତରଣ କରାଯିବ ବୋଲି ଆୟୋଜକ କମିଟି କର୍ମକର୍ତ୍ତାମାନେ କହିଛନ୍ତି । ସେହିପିର ଉର୍ସର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଭାରତର ବିଶିଷ୍ଟ ଉର୍ଦ୍ଦୁ କବିମାନଙ୍କ ଦ୍ୱାରା ମୁଶାଏରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୁଚନା ପ୍ରଦାନ କରାଯାଇଛି । କମିଟିର ସଭାପତି ସେଖ ଶାହାଉଦ୍ଦିନ, ସମ୍ପାଦକ ଅବଦୁଲ ଜାହିଦ ଖାନ୍, ଶେଖ ଅବଦୁଲ କାମିଲ, ଶେଖ ଅବଦୁଲ ସାଜିଦ, ଶେଖ ମେହମ୍ମୁଦ, ଶେଖ ଅବଦୁଲ ରଜାକ୍, ଶେଖ ଗୁଲାମ ମଜାମିଲ୍, ଶେଖ ହାସିମ, ସେଖ ନସିମ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି ବୈଠକ

ବାଲିଆପାଳ, ୨୫/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ କୀର୍ତ୍ତଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ନାରାୟଣ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରା ସଭାପତିତ୍ୱ କରିଥିଲେ । ବାଲିଆପାଳ ବ୍ଲକ ଶିକ୍ଷାଧିକାରୀ ସୁଧାଂଶ ଶେଖର ଜେନା ଯୋଗ ଦେଇ ବିଜ୍ଞାନ ମେଳା ସଫଳତା ପାଇଁ ଉପସ୍ଥିତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ । ଏହାର ବିଭିନ୍ନ ଯୋଜନା ସଂପର୍କରେ ବ୍ଲକ ବିଜ୍ଞାନ ସଂଯୋଜକ ଶୁକଦେବ ମହାନ୍ତି ବିଶଦ ଭାବରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଦୁଃଖୀଶ୍ୟାମ ଦାସ,ନମିତା ପ୍ରଭା ସାମଲ ଏବଂ ଆରତୀ ଭୂୟାଁ ,ବ୍ଲକ ଓଷ୍ଟା ସଂଘର ସଭାପତି ବିଜୟ କୁମାର ମହାନ୍ତି, ସଂପାଦକ ବିଜୟ କୁମାର ପାତ୍ର,ପ୍ରଧାନ ଶିକ୍ଷକ ଗୋଲକ ଧର ପଟ୍ଟାୟତ ପ୍ରମୁଖ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପସ୍ଥିତ ସିଆରସିସି ମାନଙ୍କୁ ବିଜ୍ଞାନ ମେଳା କିପରି ସୁଚାରୁ ରୂପେ ସଂପନ୍ନ ହେବ ସେ ବିଷୟରେ ଧ୍ୟାନ ରଖିବାକୁ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ଜେନା ପରାମର୍ଶ ଦେଇଥିଲେ । ସିଆରସିସି ମାଧବାନନ୍ଦ ଦାସ ଧନ୍ୟବାଦ ଦେଇଥିଲେ ।

ଶିକ୍ଷକତାରେ ଅବସର ନଥାଏ

ଖଇରା,୨୫/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁଣ୍ଡିରାସ୍ଥିତ ବାରପଡା ଦାଶରଥି ହାଇସ୍କୁଲର ଇଂରାଜୀ ଶିକ୍ଷକ ରଘୁନାଥ ପତ୍ରୀଙ୍କ ଅବସର ଗ୍ରହଣ ପରିପ୍ରେକ୍ଷୀରେ ଏକ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଭାରପ୍ରାପ୍ତ ଶିକ୍ଷକ ବାଇଧର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ଗୋଲକ ପ୍ରସାଦ ପାଢୀ ମୁଖ୍ୟ ଅତିଥି,ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସମାଜରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶିକ୍ଷକତାରେ ଅବସର ନଥାଏ । ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ଶିକ୍ଷକଟିଏ ଶିକ୍ଷା ବିତରଣ କରିବାକୁ ଭୁଲି ନଥାଏ ବୋଲି କହିଥିଲେ । ଜିତେନ୍ଦ୍ର କୁମାର ବେହେରା,ମହେଶ୍ୱର ପଣ୍ଡା ସମ୍ମାନିତ ବକ୍ତା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଧନେଶ୍ୱର ପଣ୍ଡା, ମଧୁସୁଦନ ଦାସ,ସୁଦର୍ଶନ ମହାନ୍ତି,ସୁରେନ୍ଦ୍ର ପ୍ରସାଦ ରାଉତ, ସରପଞ୍ଚ ମମତାରାଣୀ ପରିଡା, ସମିତିସଭ୍ୟ ନଳିନି କୁମାର ସାହୁ,ମହେନ୍ଦ୍ର ପ୍ରସାଦ କବି, ଷଡାନନ ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପୂର୍ଣ୍ଣଚନ୍ଦ୍ର ପାତ୍ର ମଞ୍ଚ ପରିଚାଳନା ଓ ବିଦ୍ୟାଳୟର କର୍ମଚାରୀ, ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର, ଗ୍ରାମବାସୀ ସହଯୋଗ କରିଥିଲେ ।

କୋଭିଡ କଟକଣାରେ ପାଳିତ ହେବ ପ୍ରତିଭା ମହୋତ୍ସବ

ଖଇରା,୨୫/୦୩ (ନି.ପ୍ର): ଖଇରାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରତିଭା ପରିବାର ର ଅନ୍ତିମ ପ୍ରସ୍ତୁତି ବୈଠକ ଓ ଖବରଦାତା ସମ୍ମିଳନୀ ଗୁରୁବାର ଦିନ ଖଇରା ଶିକ୍ଷକ ସଂଘ ଭବନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ସନାତନ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ । ସାଧାରଣ ସମ୍ପାଦକ ଉମେଶ ଚନ୍ଦ୍ର ନାୟକ ଓ ସଭ୍ୟ ବିଷ୍ଣୁପ୍ରସାଦ ମିଶ୍ର ୨ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଏପ୍ରିଲ ୨ତାରିଖ ଉଦ୍ଘାଟନୀ ଦିବସ ଅପରାହ୍ନରେ ଶଙ୍ଖଫୁଙ୍କା ପ୍ରତିଯୋଗିତା ସାଙ୍ଗକୁ ସଭା ଓ ପ୍ରତିଭାଧାରିଙ୍କୁ ସମ୍ବର୍ଦ୍ଧନା ପରେ ଭୁବନେଶ୍ୱର ଶିଳ୍ପିକା ଗ୍ରୁପ ପକ୍ଷରୁ ନୃତ୍ୟ ପ୍ରଦର୍ଶନ ସହ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିଦର୍ଶନ ହେବ । ସେହିଭଳି ୩ତାରିଖ ଉଦ୍‌ଯାପନୀ ଦିବସରେ ସମ୍ବର୍ଦ୍ଧନା ପର୍ବର ଠିକ ପରେ ପରେ ଷ୍ଟାର ସିଙ୍ଗର ଜେମସ ବଣ୍ଡ ଦର୍ଶକଙ୍କୁ ନିଜର କଣ୍ଠର ଜାଦୁ ଦେଖାଇବେ । ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରହୀ ସମସ୍ତ ପ୍ରକାର ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଉକ୍ତ ଖବରଦାତା ସମ୍ମିଳନୀରେ ମୁକ୍ତିକାନ୍ତ ଶତପଥି, ବିମନ କୁମାର ବାରିକ, ରଘୁନାଥ ପତ୍ରୀ,ପ୍ରଶାନ୍ତ କୁମାର ଦାସ,ଡା ହରେକୃଷ୍ଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

'ନରାକାସ'ର ପ୍ରଥମ ଅର୍ଦ୍ଧବାର୍ଷିକୀ ବୈଠକ

ବାଲେଶ୍ୱର,୨୫/୦୩ (ନି.ପ୍ର): ୟୁକୋ ବ୍ୟାଙ୍କ, ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି"(ନାରାକାସ)ର ପ୍ରଥମ ଅର୍ଦ୍ଧବାର୍ଷିକୀ ବୈଠକ ହୋଟେଲ 'ଲକି ଇଣ୍ଟରନ୍ୟାସନାଲ' ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବାଲେଶ୍ୱର ସହରର ୩୦ଟି ସରକାରୀ କାର୍ଯ୍ୟାଳୟ (କେନ୍ଦ୍ର), ବ୍ୟାଙ୍କ, ବୀମା କମ୍ପାନୀ ଆଦି ଅଂଶଗ୍ରହଣ କରିଥିଲେ । ବୈଠକରେ ଭାରତର ରାଜଭାଷା 'ହିନ୍ଦୀ'ର ସରକାରୀ କାର୍ଯ୍ୟରେ ବ୍ୟବହାର ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଭାରତ ସରକାରଙ୍କ ରାଜଭାଷା ବିଭାଗ ଓ ଗୃହ ମନ୍ତ୍ରାଳୟ ସହାୟକ ନିର୍ଦ୍ଦେଶକ ନିର୍ମଳ କୁମାର ଦୁବେ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ସରକାରୀ ଭାଷା ସମ୍ବନ୍ଧରେ ସୂଚନା ଦେଇଥିଲେ । ବ୍ୟାଙ୍କର ଉପ-ମହାପ୍ରବନ୍ଧକ ଲଲାଟେନ୍ଦୁ ବେହେରା ଅଧିକରୁ ଅଧିକ ହିନ୍ଦୀ ଭାଷାର ପ୍ରୟୋଗ ପାଇଁ ସମସ୍ତ କାର୍ଯ୍ୟାଳୟ ମୁଖ୍ୟମାନଙ୍କୁ ପରାମର୍ଶ ଦେଇଥିଲେ ।

୬୦ନଂ ଜାତୀୟ ରାଜପଥରେ ବସ୍‌ରୁ ଲୁଟ୍ : ଥାନାରେ ମାମଲା

ଜଳେଶ୍ୱର, ୨୫/୩ (ନି.ପ୍ର): ୬୦ନଂ ଜାତୀୟ ରାଜପଥକୁ ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳର ଲୁଟେରାମାନେ ଦିନ ଦ୍ୱିପ୍ରହରରେ